## ସଂକ୍ଷେପରେ

### ପ୍ରବୋଧ ଦାସ ବ୍ଲକ୍ କଂଗ୍ରେସ ସଭାପତି

ସିଂହପୁର,୯।୪(ଡି.ଏନ.ଏ.): ବରିଷ୍ଠ କଂଗ୍ରେସ ନେତା ତଥା ସଂଗଠକ ପ୍ରବୋଧ କୁମାର ଦାସ ବିଞ୍ଝାରପୁର ବ୍ଲକ କଂଗ୍ରେସ ସଭାପତି ଭାବେ ନିଯୁକ୍ତ



ହୋଇଛନ୍ତି। ଦାସ ଜଣେ ବରିଷ୍ଠ ସଂଗଠକ। ତେବେ ତାଙ୍କୁ ସଭାପତି କରାଯାଇଥିବାରୁ ବିଞ୍ଝାରପୁର ବ୍ଲକରେ କଂଗ୍ରେସ ସଂଗଠନ ଅଧିକ ଶକ୍ତିଶାଳୀ ହେବ ବୋଲି ଦଳୀୟ ନେତୃମଣ୍ଡଳୀ ଆଶାପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଦାସ ଏହି ପଦବୀ ପାଇଥିବାରୁ ସେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଶିକ୍ଷୟିତ୍ରୀ କାଜଲ ଦଲାଇଙ୍କ ବିୟୋଗ

ସିଂହପୁର,୯।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟ ଶିକ୍ଷୟିତ୍ରୀ କାଜଲ ଦଲାଇଙ୍କ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀର ଆସି ପହଞ୍ଚିବା ପରେ ସିଂହପୁର ବଜାରଠାରୁ ଶୋଭାଯାତ୍ରାରେ କର୍ମକ୍ଷେତ୍ର ନବଘନ ମହନ୍ତ ମାୟାଧର ବିଦ୍ୟାଳୟ ପର୍ଯ୍ୟନ୍ତ ନିଆଯାଇଥିଲା। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ଅକ୍ଷୟ ସାମଲ, ଗଣଶିକ୍ଷକ ସଂଘ ସଭାପତି ଅଖିଳ ଚନ୍ଦ୍ର ଧଳ, ସମ୍ପାଦକ ପ୍ରଶାନ୍ତ ଭଦ୍ର, ସିଆର୍‌ସିସି ମନୋଜ ମହାଳିକ, ଅକ୍ଷୟ ସେଠୀ, କେଦାର ଦାସ, ରବୀନ୍ଦ୍ର ମଲିକ, ବିଶ୍ୱନାଥ ସାମଲ, ମନୋରଞ୍ଜନ ସାହୁ ଓ ପ୍ରଧାନଶିକ୍ଷକ ପ୍ରତାପ ପାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶିକ୍ଷକ ଜ୍ଞାନରଞ୍ଜନ ସାମଲ, ପ୍ରଭାତ ସାହୁ, ମନୋରଞ୍ଜନ ବେଉରିଆ, ନମିତା ମଲିକ, ସତ୍ୟଭାମା ବାରିକ, ମଞ୍ଜୁଲତା ଥାଟୋଇ, ରଶ୍ମିତା ନାୟକ, ଦିନେଶ ମଲିକ ଓ ଏସ୍‌ଏମ୍‌ସି ସଭାପତି ଉମେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଉତ୍କଳମଣି ସେବା ସଦନରେ ଚାରାରୋପଣ

କାଏମା,୯।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଗ୍ରାମସ୍ଥିତ ଉତ୍କଳମଣି ସେବାସଦନ ପ୍ରାଙ୍ଗଣରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବାସଦନ ସଭାପତି ପଦ୍ମନାଭ ସାହୁଙ୍କ ତତ୍ତ୍ୱାବଧାନରେ ଏଠାରେ ବହୁ ଔଷଧୀୟ ଚାରା ସହ କଲମି ଆମ୍ବ, ବଉଳ, ସାଗୁଆନ ଆଦି ଚାରାରୋପଣ କରାଯାଇଛି। ଏସବୁର ସୁରକ୍ଷା ପାଇଁ ପ୍ରତ୍ୟେକ ଗଛର ଚତୁଃପାର୍ଶ୍ୱରେ ତାର ବାଡ଼ ଦିଆଯାଇଛି। କମିଟି ଉପସଭାପତି ମଧୁସୁଦନ ସାହୁ, ସମ୍ପାଦକ ତପନ ଷଡ଼ଙ୍ଗୀ, ସହ ସମ୍ପାଦକ ପ୍ରଦୀପ୍ତ ମହଲା, କୋଷାଧ୍ୟକ୍ଷ କୁଳମଣି ସ୍ୱାଇଁ, ସଭ୍ୟ ସନ୍ତୋଷ ସେଠୀ, ନରେନ୍ଦ୍ର ସାହୁ, ରମେଶ ମହାନ୍ତି ଓ ଲୋକନାଥ ରାଉତ ପ୍ରମୁଖ ଯୋଗେଦଇ ସହଯୋଗ କରିଥିଲେ।

# ପୁରୁଣା ଭର୍ସନ, ଅନାମଧେୟ ବ୍ରାଣ୍ଡ

## କମ୍ପ୍ୟୁଟର କିଣାରେ ବ୍ୟାପକ ହରିଲୁଟ୍ ଅଭିଯୋଗ

**ଯାଜପୁର ଜିଲାର ସ୍ମାର୍ଟ ସ୍କୁଲ୍**




ଯାଜପୁର ଅଫିସ,୯।୪

ଯାଜପୁର ଜିଲାରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି)ପାଣ୍ଠିରେ କାର୍ଯ୍ୟକାରୀ ହୋଇଥିବା ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା ବା ସ୍ମାର୍ଟ ସ୍କୁଲ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଜିଲାରେ ଏପର୍ଯ୍ୟନ୍ତ ୨୪୯ଟି ହାଇସ୍କୁଲର ରୂପାନ୍ତରୀକରଣ କରାଯାଇ ୧୬୮ କୋଟି ୬୪ ଲକ୍ଷ ୪୪ ହଜାର ୪୩୦ ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହାବାଦ ଦ୍ୱିତୀୟ ପର୍ଯ୍ୟାୟରେ ୯୮ଟି ହାଇସ୍କୁଲରେ ଏହି କାର୍ଯ୍ୟ ଚାଲିଛି। ତେବେ ଅଧିକାଂଶ ସ୍କୁଲରେ ପୁରୁଣା ଭର୍ସନ କମ୍ପ୍ୟୁଟର କିଣା ଏବଂ ଅନାମଧେୟ ବ୍ରାଣ୍ଡ କମ୍ପାନୀକୁ ଗୁରୁତ୍ୱ ଦେଇ ମିଳିମିଶି ବ୍ୟାପକ ଅର୍ଥ ଚଳୁ କରାଯାଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ଏପରିକି ଏଭଳି ଅଭିଯୋଗ ଉପରେ ଜଣେ ଆଇନଜୀବୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟର ଆର୍ଥିକ ଓ ସାମାଜିକ ଅଡିଟ୍ ହୋଇ ନ ଥିବା ଜଣାପଡିଛି।

ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ସରକାର କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ପଦ୍ଧତି ପ୍ରଣୟନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନାରେ କମ୍ପ୍ୟୁଟର ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ ୨୯୪୨ଟି ଡେସ୍କ କମ୍ ବେଞ୍ଚ, ୫୨୦ଟି କମ୍ପ୍ୟୁଟର କମ୍ ପ୍ରୋଜେକ୍ଟର ଏବଂ ୨୬୦ଟି ପ୍ରୟୋଗଶାଳା ପାଇଁ ହାତଯନ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଟେଣ୍ଡର କରାଯାଇ ଯୋଗାଇ ଦିଆଯାଇଛି। ବିଡିଓମାନଙ୍କ ଦ୍ୱାରା ସମସ୍ତ ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ସେମାନଙ୍କ ଜରିଆରେ ଅର୍ଥ ଖର୍ଚ୍ଚ କରାଯାଇଛି। ବ୍ୟୟ ଅଟକଳ ଅନୁଯାୟୀ ପ୍ରତ୍ୟେକ ପ୍ରକଳ୍ପରେ ୫ ଲକ୍ଷ ଟଙ୍କା ଲେଖାଏ ୨ଟି ସ୍ମାର୍ଟ କ୍ଲାସ୍‌ରୁମ୍, ୧୦ ଲକ୍ଷ ଟଙ୍କାର ଫର୍ନିଚର, ୫ ଲକ୍ଷ ଟଙ୍କାରେ ଇ-ଲାଇବ୍ରେରୀ, ୪ ଲକ୍ଷ ଟଙ୍କାରେ ସାଇନ୍ସ ଲାବରେଟୋରୀ, ୩ ଲକ୍ଷ ଟଙ୍କାରେ ପାନୀୟ ଜଳ ସୁବିଧା, ଖେଳ ସାମଗ୍ରୀ ଓ ଇଣ୍ଡୋର ଗେମ୍ ପାଇଁ ୨ ଲକ୍ଷ ଟଙ୍କା, ପରିସ୍ରାଗାର, ଖେଳପଡ଼ିଆର ଉନ୍ନତୀକରଣ, ବଗିଚା, କିଚେନ ଗାର୍ଡେନ, ପାଥୱେ ଇତ୍ୟାଦି ବାବଦକୁ ଖର୍ଚ୍ଚ ହେବ ବୋଲି ଦର୍ଶାଯାଇଛି। ହେଲେ ଅଧିକାଂଶ ହାଇସ୍କୁଲରେ ପୁରୁଣା କାନ୍ଥରେ ସ୍ମାର୍ଟ କ୍ଲାସରୁମ ନିର୍ମାଣ ହେଉଥିବା ଅଞ୍ଚଳବାସୀଙ୍କ ଠାରୁ ସୂଚନା ମିଳିଛି। ତେବେ ବିଶେଷକରି କମ୍ପ୍ୟୁଟର, ଡେସ୍କ ଇତ୍ୟାଦି ସାମଗ୍ରୀ କିଣାରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଜିଲାପାଳଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲେ ହେଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ଅଭିଯୋଗକୁ ଚପାଇ ଦିଆଯାଇଥିବାରୁ ବିପୁଳ ଅର୍ଥ ମିଳିମିଶି ହଡ଼ପ କରାଯାଇଥିବା ସାଧାରଣରେ ସନ୍ଦେହ କରାଯାଇଛି। ସ୍ମାର୍ଟ ସ୍କୁଲଗୁଡ଼ିକୁ କମ୍ପ୍ୟୁଟର ଯୋଗାଣ ନିମନ୍ତେ ଆରମ୍ଭରୁ ବିଡିଓମାନେ ଜିଇଏମ୍(ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ) ବିଡିଂ ମାଧ୍ୟମରେ କ୍ରୟ କରିବାକୁ ଉଦ୍ୟମ କରିଥିଲେ। ଅଧିକାଂଶ ବ୍ଲକରେ ସେହି ଜିଇଏମ୍ ବିଡିଂରେ ଚଞ୍ଚକତା, ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ଆସିବା ପରେ ଜିଲାପାଳ ତାହାର ତଦନ୍ତ କରିଥିଲେ। ଏହାର ପ୍ରମାଣ ମିଳିବାରୁ କେତେକ ବ୍ଲକରେ ଉକ୍ତ ବିଡିଂକୁ ରଦ୍ଦ କରି ଦେଇଥିଲେ। କିନ୍ତୁ ଏହାପରେ ବିଡିଓଙ୍କ ମାଧ୍ୟମରେ ଆଉ କମ୍ପ୍ୟୁଟର କ୍ରୟ ନ କରି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମାଧ୍ୟମରେ ସମଗ୍ର ଶିକ୍ଷା ସ୍କିମ୍‌ରେ ସ୍ମାର୍ଟ ସ୍କୁଲଗୁଡିକୁ କମ୍ପ୍ୟୁଟର ଯୋଗାଇବା ପାଇଁ ଜିଲାପାଳ ନିଷ୍ପତ୍ତି ନେଇଥିଲେ। କିନ୍ତୁ ବର୍ତ୍ତମାନ ପ୍ରଚଳିତ ସର୍ବାଧୁନିକ ଭର୍ସନର ଡେସ୍କଟପ୍ କମ୍ପ୍ୟୁଟର ବଦଳରେ ୪/୫ ବର୍ଷ ପୁରୁଣା ଭର୍ସନର କମ୍ପ୍ୟୁଟର ସେଟ୍ କିଣିବାକୁ ନିର୍ଦ୍ଦେଶ ହୋଇଥିଲା। ଅନାମଧେୟ ବ୍ରାଣ୍ଡ କମ୍ପାନୀର ୟୁପିଏସ୍ ସହିତ ଆଣ୍ଟିଭାଇରସ୍ ସଫ୍ଟୱେର କିଣିବା ପାଇଁ ସେହି ବିଡିଂରେ ଆଗ୍ରହ ପ୍ରକାଶ କରାଯାଇଥିଲା। ପୂର୍ବ ଯୋଜନା ଅନୁସାରେ ପୁରୁଣା ଭର୍ସନର କମ୍ପ୍ୟୁଟର କିଣାଯାଇ ବ୍ୟାପକ ଅର୍ଥ ଭାଗବଣ୍ଟା ହୋଇଥିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଯୋଗାଣକାରୀ ସଂସ୍ଥା ସହ ଅସାଧୁ ମେଣ୍ଟ କରି କମ୍ପ୍ୟୁଟର ପିଛା ପ୍ରାୟ ୧୧ ହଜାର ଟଙ୍କା ଅଧିକ ବିଲ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ଅଭିଯୋଗ ଉପରେ ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ମତାମତ ପାଇଁ ତାଙ୍କ ମୋବାଇଲ ନମ୍ବରକୁ ରବିବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

### ସାମାଜିକ ବିକାଶରେ ଗଣମାଧ୍ୟମ ଭୂମିକା ଅବର୍ଣ୍ଣନୀୟ

**ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ଆଲୋଚନାଚକ୍ର**

ବିଞ୍ଝାରପୁର,୯।୪(ଡି.ଏନ.ଏ.):

ସାମାଜିକ ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅବର୍ଣ୍ଣନୀୟ। ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ସମସ୍ୟାକୁ ଲୋକଲୋଚନକୁ ଆଣି ତାହାକୁ ସମାଧାନ କରିବା କ୍ଷେତ୍ରରେ ସାମ୍ବାଦିକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ପ୍ରତିକୂଳ ପରିସ୍ଥିତି ହେଉ ଅଥବା ଉପକୂଳ ପରିସ୍ଥିତି ସବୁ କ୍ଷେତ୍ରରେ ସାମ୍ବାଦିକ ନିଜ ଜୀବନକୁ ଉତ୍ସର୍ଗ କରି ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ତେଣୁ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ପାଇଁ ଆଇନ କାର୍ଯ୍ୟକାରୀ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି କରିବାକୁ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବରିଷ୍ଠ ସଦସ୍ୟମାନେ ମତପ୍ରକାଶ କରିଛନ୍ତି।

ୟୁନିୟନ ଉପଦେଷ୍ଟା ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ବରିଷ୍ଠ ଖବରଦାତା ସୀତାକାନ୍ତ ସାମଲ, ଅନଙ୍ଗ ଉଦୟ ବେଉରିଆ, ରାମକୃଷ୍ଣ ଦାସ, ଗୋପାଳ ସୂତାର, ସତ୍ୟ ରଞ୍ଜନ ମଲ୍ଲିକ, ଏସ୍‌କେ ସନୱାର, ଦେବପ୍ରସାଦ ସାହୁ, ମଇନୁଲ ଇସଲାମ, ଗୁଲସାନ ନୱାଜ ଅଲ୍ଲି ଖାଁ, ନିମାଇଁ ଘଡ଼ାଇ, ଶଙ୍କର୍ଷଣ ସାମଲ ଓ ସରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୟୁନିୟନ ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବରିଷ୍ଠ ସଦସ୍ୟ ତଥା ୟୁନିୟନର ଆବାହକ ସତ୍ୟରଞ୍ଜନ ମଲ୍ଲିକ ଆଲୋଚନା କରିଥିଲେ।

## ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର




ବିଧାୟିକା ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବରୀ,୯।୪(ଡି.ଏନ.ଏ.):

ବରୀ ବ୍ଲକ୍ ଅଧୀନ ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତାର ଉନ୍ନତୀକରଣ ନିମନ୍ତେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଯାଜପୁର ଜିଲାର ସୀମା ଗମ୍ଭୁଁଠାରେ ଉକ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗମ୍ଭୁଁ ସରପଞ୍ଚ ଜଗଦୀଶ ଜେନା, ସସ୍ମିତା କୁଣ୍ଡୁ, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ପ୍ରଜ୍ଞାପରମିତା ପରିଡ଼ା, ବ୍ଲକ୍ ସଭାପତି କେଦାର ସାମଲ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ, ପୂର୍ବତନ ସରପଞ୍ଚ ହେମନ୍ତ ନାୟକ, ପୂର୍ବତନ ସମିତିସଭ୍ୟ ଅଙ୍କୁର ମଲ୍ଲିକ, ସମବାୟ ସଭାପତି କେଦାର ନାୟକ ଓ ବୀରେନ ରାଉତଙ୍କ ସହ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଓ ସହକାରୀ ଯନ୍ତ୍ରୀ ନରୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଉକ୍ତ ରାସ୍ତା ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ ୧୩ କୋଟି ୧୧ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟ ୧୩।୧୨।୨୦୨୩ରେ ଶେଷ କରିବାକୁ ଠିକାଦାର ଚୁକ୍ତିବଦ୍ଧ ହୋଇଛନ୍ତି। ରାସ୍ତାର ଲମ୍ବ ୧୧ କି.ମି. ରହିଛି। ରାସ୍ତାଟି ଯାଜପୁର ବିରଜା କ୍ଷେତ୍ରରୁ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରକୁ ସଂଯୋଗୀକରଣର ମୁଖ୍ୟ ରାସ୍ତା। ଏହି ରାସ୍ତା ଉପରେ ବରୀ ବ୍ଲକ୍‌ର ଧାରପୁର, ସାହୁପଡ଼ା, ଚନ୍ଦନପୁର, ମନ୍ଦାରୀ, ରତ୍ନଗିରି, ସେରପୁର, ଗମ୍ଭୁଁ ସମେତ ପ୍ରାୟ ୧୨ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ମାତ୍ର ଦୀର୍ଘଦିନ ହେବ ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ତେଣୁ ଏହାର ମରାମତି କରିବାକୁ ସ୍ଥାନୀୟ ଲୋକେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ରାସ୍ତାର ଉନ୍ନତୀକରଣ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଏବେ ଅର୍ଥ ମଞ୍ଜୁର ସହ କାର୍ଯ୍ୟ ଆରମ୍ଭ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ବିଧାୟିକାଙ୍କୁ ପ୍ରଶଂସା କରାଯାଇଛି।

### ରୋଟାରି କ୍ଲବ ସଭାପତି, ସମ୍ପାଦକ ନିର୍ବାଚନ

ଯାଜପୁର ରୋଡ,୯।୪(ଡି.ଏନD.ଏ.):

ରୋଟାରି କ୍ଲବ କଳିଙ୍ଗନଗରର ସଭାପତି ଓ ସମ୍ପାଦକ ନିର୍ବାଚନ କ୍ଲବ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରୋଟାରିଆନ ଶିବାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦୀପ କୁମାର ମିଶ୍ର ନିର୍ବାଚନ ପରିଚାଳନା ଦାୟିତ୍ୱ ନେଇଥିଲେ। ରୋଟାରି ବର୍ଷ ୨୩-୨୪ ସଭାପତି ଭାବେ ରୋଟାରିୟାନ ପ୍ରଶାନ୍ତ କୁମାର ପରିଡ଼ା ଓ ସମ୍ପାଦକ ରୋଟାରିୟାନ କମଳଲୋଚନ ସାହୁ ଏବଂ ବର୍ଷ ୨୪-୨୫ ସଭାପତି ଭାବେ କମଳଲୋଚନ ସାହୁ ଓ ସମ୍ପାଦକ ଭାବେ କୈଳାସ ଚନ୍ଦ୍ର ସାହୁଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ବର୍ଷ ୨୩-୨୪ ଓ ୨୪-୨୫ ପାଇଁ ହୋଇଥିବା ଉକ୍ତ ସଭାପତି ଓ ସମ୍ପାଦକ ନିର୍ବାଚନରେ ପ୍ରସ୍ତାବକ ଓ ସମର୍ଥକ ଭାବରେ ଯଥାକ୍ରମେ ରୋଟାରିଆନ ସୁଶାନ୍ତ କୁମାର ବରାଳ, ଅକ୍ଷୟ କୁମାର ପତି, ଦିନେଶ କୁମାର ସାହୁ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସୁଦୀପ କୁମାର ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ସୁଶାନ୍ତ କୁମାର ଜେନା ଏବଂ ଗୋପୀନାଥ ସାହୁ ରହିଥିଲେ। ନିର୍ବାଚନବେଳେ ରୋଟାରି କ୍ଲବର ବହୁ କର୍ମକର୍ତ୍ତା, ସଦସ୍ୟ ପରମେଶ୍ୱର ଦାଶ, ଲୋକନାଥ ରାଉତ, ଅଚ୍ୟୁତାନନ୍ଦ ମହାନ୍ତି ଓ ଯୁଧିଷ୍ଠିର ତରାଇ ଉପସ୍ଥିତ ଥିଲେ। ସମ୍ପାଦକ ରୋଟାରିଆନ ମନୋଜ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

## ଦୁର୍ନୀତି ହଟାଇବାର ଅମୋଘ ଅସ୍ତ୍ର ଆର୍‌ଟିଆଇ



ସୂଚନା ଆଇନ କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ପ୍ରୀତିପୁର,୯।୪(ଡି.ଏନ୍.ଏ.)

ରାଜ୍ୟରେ ପାଣିଠାରୁ ଖଣି ପର୍ଯ୍ୟନ୍ତ ସବୁଠି ଦୁର୍ନୀତିର ଚେର ଲମ୍ବିଛି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଯୁବ ସମାଜ ନିଶା ଛାଡି ଦୁର୍ନୀତି ରୂପକ ବ୍ୟାଧିକୁ ସମୂଳେ ନାଶ କରିବାକୁ ସଂକଳ୍ପ ନିଅନ୍ତୁ। ବିଞ୍ଝାରପୁର ବ୍ଲକ ବରୁଣେଶ୍ୱରସ୍ଥିତ କୁଞ୍ଜଲତା ମଣ୍ଡପଠାରେ ଆୟୋଜିତ ସୂଚନା ଆଇନ କର୍ମଶାଳାରେ ଯୋଗଦେଇ ଏହା କହିଛନ୍ତି ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ। କର୍ମଶାଳାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସୂଚନା ଅଧିକାର ଆଇନ ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦେଇ କହିଛନ୍ତି ଯେ ରାଜ୍ୟରୁ ଦୁର୍ନୀତି ହଟାଇବାର ମୁଖ୍ୟ ଅମୋଘ ଅସ୍ତ୍ର ହେଉଛି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ। ଏହାର ସଦୁପଯୋଗ କରି ବ୍ଲକଠାରୁ ରାଜଧାନୀ ପର୍ଯ୍ୟନ୍ତ ସବୁ ଦୁର୍ନୀତିର ପର୍ଦ୍ଦାଫାଶ କରାଯାଇପାରିବ। ସମ୍ମାନିତ ଅତିଥି ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ଆକାଶ କୁମାର ଭୂୟାଁ ଓ କୃଷକ ନେତା ବିଶ୍ୱଜିତ ମହାନ୍ତି ସୂଚନା ଅଧିକାର ଆଇନର ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ବରୀର ସାମାଜିକ କର୍ମୀ ସତ୍ୟ ରଞ୍ଜନ କର ସଭାପତିତ୍ୱ କରିଥିବାବେଳେ ଆବାହକ ସୀମାନ୍ତ କୁମାର ପାତ୍ର ଅତିଥି ପରିଚୟ ଓ ଭୁବନାନନ୍ଦ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷକ ନେତା ରବୀନ୍ଦ୍ର କୁମାର ଜେନା, ବବିତା ମଳିକ, ପୁରୁଷୋତ୍ତମ ମହାପାତ୍ର, ଲାଡିଫ କୁମାର ଓଝା, ଦୁର୍ଗା ଚରଣ ବାରିକ, ଦୁର୍ଯ୍ୟୋଧନ ବେଉରିଆ, ଜ୍ଞାନେନ୍ଦ୍ର ବେଉରିଆ, ପ୍ରଫୁଲ୍ଲ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ୨ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ଧର୍ମଶାଳା/ଚଢ଼େଇଧରା, ୯।୪(ଡି.ଏନ୍.ଏ.):

ଧର୍ମଶାଳା ବ୍ଲକ୍ ଅଞ୍ଚଳର ୨ ସ୍ଥାନରେ ରାସ୍ତା ଉନ୍ନତୀକରଣ ପାଇଁ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶିଳାନ୍ୟାସ କରାଯାଇଛି। ରବିବାର ପୂର୍ବାହ୍ନରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଣ୍ଠିରୁ ୩ କୋଟି ୬୭ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ ରାହାଡ଼ପୁରଠାରୁ କମ୍ପାଲୁ, ଭାୟା କାଦୁଅମାଗୁରା, ତୋଟାକଣ ରାସ୍ତାର ଶିଳାନ୍ୟାସ କରିଛନ୍ତି। ସେହିପରି ଅପରାହ୍ନରେ ବିଧାୟକ ବଳବନ୍ତରାୟ ଯୋଗଦେଇ ୩ କୋଟି ୧୬ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟ ଅଟକଳରେ ଜାତୀୟ ରାଜପଥ-୫୩ଠାରୁ କୋହ୍ଲା, ଭାୟା ହରିଦାସପୁର ରେଳ ଷ୍ଟେଶନ ଓ ଭଡ଼ଙ୍ଗା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ କରିଛନ୍ତି।

ଉଭୟ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ସରପଞ୍ଚ ଶରତ ଚନ୍ଦ୍ର ରାଉତ, ସମିତିସଭ୍ୟ ବିକାଶ ଖଟୁଆ, ସରପଞ୍ଚ ବିକ୍ରମ ବିଶ୍ୱାଳ, ସମିତିସଭ୍ୟା ସବିତା ସାମଲ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ଜିଲା ପରିଷଦ ନିରଞ୍ଜନ ରାଉତ, ଦୁଃଶାସନ ସାହୁ, ପ୍ରିୟନାଥ ମହାପାତ୍ର, ଯୁବ ସଙ୍ଗଠକ ଗୌତମ ସାହୁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ଓ ବନଜିନୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।



ବିଧାୟକ ରାହାଡ଼ପୁର ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ସମର୍ଥନ ଆବଶ୍ୟକ

**ଉପନିବନ୍ଧକ କାର୍ଯ୍ୟାଳୟ ନୂତନ ଗୃହର ଭିତ୍ତିପ୍ରସ୍ତର**

ଦଶରଥପୁର,୯।୪(ଡି.ଏନ୍.ଏ.):

ଦଶରଥପୁର ବ୍ଲକ୍ ଅଧୀନ ମଙ୍ଗଳପୁରସ୍ଥିତ ମଙ୍ଗଳପୁର ଉପନିବନ୍ଧକ କାର୍ଯ୍ୟାଳୟ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ପରିଚାଳନା ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳପୁର ବିଜୁ ଗ୍ରାମୀଣ ବଜାର ପଡ଼ିଆଠାରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ମଲ୍ଲିକ ଯୋଗଦେଇ ଓଡ଼ିଶାକୁ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ଆମ୍ଭେମାନେ ଏହାକୁ ଦୃଢ଼ ସମର୍ଥନ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଯୋଗଦେଇ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପ୍ରଗତି ରଥକୁ ଆହୁରି ଆଗକୁ ନେବା ପାଇଁ ଆମକୁ ମନ୍ତ୍ରୀ ମଲ୍ଲିକଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜସ୍ୱ ଓ ଭୂବନ୍ଧକ ଅତିରିକ୍ତ କମିଶନର ଅକ୍ଷୟ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ମାମିନା ମଲ୍ଲିକ, ପାଲଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ଥାଲକୁଡ଼ି ସରପଞ୍ଚ ଗୀତାଞ୍ଜଳି ସେଠୀ ଓ ସମିତିସଭ୍ୟା ଅର୍ଚ୍ଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ।

ମନ୍ତ୍ରୀ ମଲ୍ଲିକ ମଙ୍ଗଳପୁର ଉପନିବନ୍ଧକ କାର୍ଯ୍ୟାଳୟର ଉପନିବନ୍ଧକ ଦାୟିତ୍ୱରେ ଥିବା ରାଜକିଶୋର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବନେତା ସନ୍ତୋଷ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ଆନନ୍ଦ ଚନ୍ଦ୍ର ବାରିକ, ଚିତ୍ତରଞ୍ଜନ ନାୟକ, ମନୋରଞ୍ଜନ ଦାସ, ସୁରେନ୍ଦ୍ର ବେହୁରିଆ, ମହେଶ୍ୱର ଜେନା, ବିରଜା ମଲ୍ଲିକ, ଭାଗୀରଥି ସାହୁ, ଶରତ ଚନ୍ଦ୍ର ଜେନା, ଦୀପକ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ବିଜେଡି ନେତା ବିଜୟ ପାତ୍ର, ଭରତ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, ପଦ୍ମନାଭ ସାହୁ ଓ ପଙ୍କଜ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସଭାରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି।

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ହାଟ ପିଣ୍ଡି ଲୋକାର୍ପଣ

ରାଜନଗର, ୯।୪ (ଡି.ଏନ.ଏ.): ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତ ଦଳେଇସାହି ହାଟପଡିଆଠାରେ ଅନୁଷ୍ଠିତ ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳେଇସାହିରେ ନୂତନ ହାଟପିଣ୍ଡିର ଶୁଭ ଲୋକାର୍ପଣ ଉତ୍ସବ ରାଜନଗର ବିଧାୟକ ଧ୍ରୁବ ସାହୁ କରିଥିଲେ। ଏଥିରେ ଜିଲା ପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ୩୨ ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟା ଝୁମୁମିନା କୁଅଁର, କେରୁଆଁପାଳ ସରପଞ୍ଚ ଗାୟତ୍ରୀ ପରିଡା, ସମିତିସଭ୍ୟ ମଧୁସୂଦନ ପ୍ରଧାନ, ରଙ୍ଗଣୀ ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ କୁମାର ସାହୁ, ବାଘମାରୀ ସରପଞ୍ଚଙ୍କ ପ୍ରତିନିଧି ମୁକ୍ତିକାନ୍ତ ପାତ୍ର, ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ତାଳଚୁଆ ସରପଞ୍ଚଙ୍କ ପ୍ରତିନିଧି ଦେବ ଦୁଲାଳ ମଣ୍ଡଳ, ତାଳଚୁଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ଶୁକଦେବ ପ୍ରଧାନ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ବିଲ,୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ହାୟରପୁରର ଶାଳ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତକ ହେଲେ ହାୟରପୁର ହୁଡ଼ିସାହିର ପିତାମ ମୁଣ୍ଡା। ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଶାଳ ଗଛରେ ଦଉଡ଼ି ସାହାଯ୍ୟରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବିଲ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ବନ କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ

ଲେଶ୍ୱର,୯।୪(ଡି.ଏନ୍.ଏ):

ରାଇବଣିଆ ଅଞ୍ଚଳର ଶ୍ୟାମନଗର ପଞ୍ଚାୟତରେ ଦୁଇ ଦିନ ତଳେ ହାତୀପଲ ବ୍ୟାପକ କ୍ଷତି ଘଟାଇଥିଲେ। ହାତୀ ଘଉଡାଇବା ପାଇଁ ବନବିଭାଗ କର୍ମଚାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ୨ ବନକର୍ମଚାରୀଙ୍କୁ ଅଟକାଇ ମାରଧର କରିଥିଲେ। ଏନେଇ ରାଇବଣିଆ ଥାନାରେ ଅଭିଯୋଗ ହେବାରୁ ପୋଲିସ ୪ ଜଣଙ୍କ ନାମରେ ଏକ ମାମଲା(ନଂ.୪୨/୨୩) ରୁଜୁ କରିଛି। ଅଭିଯୁକ୍ତମାନଙ୍କ ମଧରୁ ଗିରିଶ ମାରାଣ୍ଡି ଓ ମେଘନାଥ ମହନ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଶତାଧିକ ଚାଷୀଙ୍କବ୍ୟାପକ ଚାଷ ନଷ୍ଟ ହୋଇଥିବା ବେଳେ ହାତୀ ଘଉଡାଇବାରେ ବନ କର୍ମଚାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସରପଞ୍ଚ ଗିରିଜା ସାସମଲ ଅଭିଯୋଗ କରିଛନ୍ତି।

# ବାଡ଼ ରହିଛି, ଗଛ ନାହିଁ

- ଜଳବାୟୁ ପରିବର୍ତ୍ତନ ନେଇ ବୃକ୍ଷରୋପଣ
- ଉନ୍ନତିମୂଳକ କାର୍ଯ୍ୟ ଲାଗି ପୁରୁଣା ଗଛକୁ ବଳି

ପଟ୍ଟାମୁଣ୍ଡାଇ,୯।୪(ସ୍ୱ.ପ୍ର.)

ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଲକ୍ଷ୍ୟକରି ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣକୁ ଗୁରୁତ୍ୱ ଦିଆଯାଉଛି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରତିବର୍ଷ ବନୀକରଣ ନାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଗଛ ଲଗାଯାଉଛି ବୋଲି କୁହାଯାଉଛି। ମାତ୍ର ବାଡ଼ ରହିଥିବା ବେଳେ ଭିତରେ ଗଛ ନ ଥିବା ଦେଖିବାକୁ ମିଳୁଛି। ଏଥିସହ ସରକାର ଉନ୍ନୟନମୂଳକ କାମକୁ ଗୁରୁତ୍ୱ ଦେଉଥିବା ବେଳେ ରାସ୍ତାପାର୍ଶ୍ୱ ପୁରୁଣା ଗଛକୁ ବଳି ପକାଉଛନ୍ତି। ରାସ୍ତାକାମ ଶେଷ ହେବାପରେ ଗଛ ଲଗାଇବାକୁ ଭୁଲିଯାଉଛନ୍ତି। ଏହାକୁ ନେଇ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି।

ପରିବେଶବିତ୍ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ରେ ୨୦୨୧-୨୨ ଓ ୨୦୨୨-୨୩ରେ ନିମ,



ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲ ରାସ୍ତା ପାର୍ଶ୍ୱରେ ବାଡ଼ ରହିଥିବା ବେଳେ ଭିତରେ ଗଛନାହିଁ।

ଶିଶୁ ଓ ସିରିଶ ବୃକ୍ଷ ରୋପଣ ପାଇଁ ଅର୍ଥ ବ୍ୟୟ କରାଯାଇଥିଲା। ହେଲେ ବିଭିନ୍ନ ପଞ୍ଚାୟତରେ ହାତଗଣତି କାଁ ଭାଁ କେତୋଟି ଗଛ ରହିଥିବା ଦେଖିବାକୁ ମିଳିଛି। କିଛି ସ୍ଥାନରେ ଖାଲି ବାଡ଼ ଘେରାଯାଇଥିବା ବେଳେ ଭିତରେ ଗଛ ଦେଖିବାକୁ ମିଳୁନାହିଁ। ରାସ୍ତା ସମ୍ପ୍ରସାରଣ ନାମରେ ପୁରୁଣା ଗଛସବୁ କାଟି ଦିଆଯାଉଛି। ଗୋଟିଏ ଗଛ ଗୋଟିଏ ଜୀବନ ସ୍ଲୋଗାନ ଦିଆଯାଉଥିବାବେଳେ ଅନ୍ୟପକ୍ଷେ ପ୍ରତିଦିନ ଅବିଚାରିତ ଭାବେ ପୁରୁଣା ଗଛକୁ କଟାଚାଲିଛି। ବୃକ୍ଷରୋପଣ, ବାଡ଼ ଓ ରକ୍ଷଣାବେକ୍ଷଣ ନାଁରେ ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଚଳୁ କରାଯାଉଛି।

ସାମାଜିକ କର୍ମୀ ରବି ନାରାୟଣ ଭଞ୍ଜ କୁହନ୍ତି, ଆମ ଅଞ୍ଚଳରେ କେଉଁଠି ରାସ୍ତା ପ୍ରଶସ୍ତୀକରଣ ପାଇଁ ହେଉ ବା ଅନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ଗଛକୁ ବଳି ପକାଯାଉଛି। ଜିଲାର କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ଯାଇଥିବା ରାସ୍ତାପାର୍ଶ୍ୱରେ ଥିବା ବହୁ ପ୍ରାଚୀନ ଗଛକୁ କଟାଯାଇଥିଲା। ଏହି ଘଟଣାକୁ ଇତିମଧ୍ୟରେ ୧୬ ବର୍ଷ ବିତିଛି। ଗତ ୫ ବର୍ଷ ହେବ ରାସ୍ତା ନିର୍ମାଣ ପରେ ମଧ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଗୋଟିଏ ବି ଗଛ ଲଗାଯାଇନାହିଁ। ସେହିପରି ଖଡ଼ିପାଳ-ଆଗଡ଼ିଆ ରାସ୍ତାକାମ ବେଳେ ଶତାଧିକ ତାଳଗଛ କାଟିଦିଆଗଲା। ପରେ ଗୋଟିଏ ବି ଗଛ ଲଗାଗଲାନାହିଁ। ପଟ୍ଟମୁଣ୍ଡାଇ ସହର ବ୍ଲକ କଲୋନି ଶିଶୁ ଉଦ୍ୟାନ ନିକଟରୁ ୫ଟି ଶିଶୁଗଛକୁ କାଟି ଦୁର୍ବୃତ୍ତମାନେ ନେଇଗଲେ। ହେଲେ ବନ ବିଭାଗ ଓ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ। ୧୫ ଦିନ ତଳେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକ ନିକଟରେ ଥିବା ଏକ ପୁରୁଣା ଚାକୁଣ୍ଡା ଗଛକୁଦୁର୍ବୃତ୍ତ କାଟି ନେଇଗଲେ। ସେଠାରେ ଲୋକମାନେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଆଶ୍ରୟ ନେଉଥିଲେ। ଏଭଳି ଗଛକଟାକୁ ବନ ବିଭାଗ ଓ ପ୍ରଶାସନ ଯଦି ବନ୍ଦ ନ କରନ୍ତି ତେବେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ବୁଦ୍ଧିଜୀବୀ ଅନନ୍ତ ନାୟକ କହିଛନ୍ତି, ପ୍ରଦୂଷଣ ରୋକିବାକୁ ହେଲେ ଗଛ ଲଗାଇବା ଜରୁରୀ। ଏ କ୍ଷେତ୍ରରେ ଆମ ସମସ୍ତେ ସଚେତନ ହେବା ଦରକାର। ନିଜେ ଗଛ ଲଗାଇବା ସହ ପିଲାମାନଙ୍କ ଭିତରେ ବ୍ୟାପକ ବୃକ୍ଷରୋପଣ ପାଇଁ ସଚେତନତା ବଢ଼ାଇବା ଆବଶ୍ୟକ। ବର୍ତ୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି। ସମସ୍ତେ ଏବେ ଧ୍ୱଂସଆଡ଼କୁ ଗତି କରୁଛନ୍ତି। ଯଦି ଉଚିତ ପଦକ୍ଷେପ ନିଆ ନ ଯାଏ ଆଗକୁ ପରିସ୍ଥିତ ଭୟାବହ ହେବ। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବୃକ୍ଷରୋପଣ ଉପରେ ଆମେ ଯଥେଷ୍ଟ ଗୁରୁତ୍ୱ ଦେଉଛୁ। ଜଳବାୟୁ ପରିବର୍ତ୍ତନ ଯୋଗୁ ଲଗାଯାଇଥିବା ଗଛ କେତେକ ସ୍ଥାନରେ ମରି ଯାଉଥିବା ବେଳେ ଅନ୍ୟ ଜାଗାରେ ବଢ଼ିପାରୁନାହିଁ। ମାତ୍ର ଗାଁ ଗଣ୍ଡାର ଲୋକମାନେ ଗୋରୁଙ୍କୁ ଛାଡ଼ିବା ସହ ବାଡ଼ ଭାଙ୍ଗି ଗଛସବୁ ନଷ୍ଟ କରୁଛନ୍ତି।

# ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ



ଦୁର୍ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି।

ମାର୍ଶାଘାଇ, ୯।୪ (ଡି.ଏନ.ଏ.)

**କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ଟାୟାର ଜାଳି ରାସ୍ତାରୋକୋ**

ମାର୍ଶାଘାଇ ଥାନା ନୀଳାଚଳ ବଜାରଠାରେ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

ଥାନା ଅନ୍ତର୍ଗତ ଗଡ଼ରୋମିତ ଗ୍ରାମର ସତ୍ୟଜିତ ଦାସ (୨୫) ଓ ସେହି ଗ୍ରାମର ସୁଜିତ ପଟ୍ଟନାୟକ ବାଇକ୍ ଯୋଗେ ପାରାଦୀପର ଏକ ପ୍ଲାଣ୍ଟକୁ କାମ କରିବାକୁ ଯାଉଥିବା ବେଳେ ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର ନୀଳାଚଳ ବଜାରଠାରେ ଚଣ୍ଡିଖୋଲ ପଟରୁ ଯାଉଥିବା ଏକ ଆଇରନ ବୋଝେଇ ଟ୍ରକ୍ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ପଛରେ ବସିଥିବା ସୁଜିତ ଦୂରକୁ ଛିଟିକି ପଡ଼ିବାରୁ ଗୁରୁତର ଆହତ ହୋଇଥିବା ବେଳେ ସତ୍ୟଜିତ୍‌ଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଆହତ ସୁଜିତଙ୍କୁ ପାରାଦୀପ ହସ୍ପିଟାଲ ପଠାଯାଇଥିଲା। ମୃତକ ଓ ଆହତ ସ୍ଥାନୀୟ ଲୋକ ହୋଇଥିବାରୁ ଖବରପାଇ ଗଡ଼ରୋମିତ ଗାଁର ଶତାଧିକ ମହିଳାପୁରୁଷ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ କ୍ଷତିପୂରଣ ଦାବି ଓ ଏହି ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାର ନିରାକରଣ ପାଇଁ ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବରପାଇ ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ମହାକାଳପଡ଼ା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ରେଡ଼କ୍ରସ ପାଣ୍ଠିରୁ ୧୫ ହଜାର, ମୃତକ କାମ କରୁଥିବା କମ୍ପାନୀ ପକ୍ଷରୁ ୩୦ ହଜାର ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ତରଫରୁ ୧୦ହଜାର ଟଙ୍କା ମୃତକଙ୍କ ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ପରେ ଲୋକମାନେ ରାସ୍ତାରୋକୋରୁ ହଟିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯୯/୨୩) ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି।

## ଗୀତିକବିତା ସବୁବେଳେ ହୃଦୟସ୍ପର୍ଶୀ ହୋଇଥାଏ

ବାଲିଆ/ବିରିଡି, ୯।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ବିରିଡି ବ୍ଲକ ପଞ୍ଚସଖାଙ୍କ ଧ୍ୟାନ କ୍ଷେତ୍ର ଧ୍ୟାନକୁଦଠାରେ ରବିବାର ବିଷୁବ ଆସର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଗୀତିକବି ସମାଜ ଓ ଆଷାଢ଼ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷର ବିଷୁବ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କାର୍ଯ୍ୟକ୍ରମକୁ ପିଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଗୁରୁପ୍ରସାଦ ରଥ ବେଦ ପାଠ କରିଥିଲେ। ଗୀତିକବି ବାମଦେବ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଗୀତିକବିତା ସଭାରେ ଓଡ଼ିଆ ଗୀତିକବି ସମାଜର ସଭାପତି ଗୌର ପଟ୍ଟନାୟକ, ସମ୍ପାଦକ ପ୍ରେମଚାନ୍ଦ ମହାନ୍ତି, ଉପଦେଷ୍ଟା ମନୋଜ ପଟ୍ଟନାୟକ ଓ ଗୀତିକବି ତୋଫାନ ଜେନା ଅତିଥିଭାବେ ଯୋଗଦେଇ ଗୀତିକବିତା ସବୁବେଳେ ହୃଦୟ ସ୍ପର୍ଶୀ ହୋଇଥାଏ ବୋଲି କହିଥିଲେ। ସଭାରେ ଉତ୍ସବ କମିଟି ଅଧକ୍ଷ ନୀଳମଣି ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଷାଢ଼ ସାହିତ୍ୟ ସଂସଦ ସଭାପତି ପୀତାମ୍ବର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦ ପକ୍ଷରୁ କବି ଡ. ଶୁଭକୁମାର ଦାଶଙ୍କୁ ବିଷୁବ ସମ୍ମାନ, ସାମାଜିକକର୍ମୀ ଲିଙ୍ଗରାଜ ମଲ୍ଲ, ନେତ୍ରାନନ୍ଦ ପାତ୍ର, ବିଭୁଦତ୍ତ ସାହୁ ଓ ଦେବୀପ୍ରସାଦ ତ୍ରିପାଠୀଙ୍କୁ ବିଜୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକବି ସୌମେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କବି ଓ କବୟିତ୍ରୀମାନେ ସ୍ୱରଚିତ ଗୀତିକବିତା ଆବୃତ୍ତି କରିଥିଲେ। ସଂସଦ ଉପସଭାପତି କାଦମ୍ବିନୀ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ଉପକୂଳ ଅଞ୍ଚଳରେ ଚାଉଳି କୋଳି ଚାହିଦା ବଢୁଛି



ଉପକୂଳ ଅଞ୍ଚଳରେ ଚାଉଳି କୋଳି।

ମହାକାଳପଡ଼ା,୯।୪ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଉପକୂଳ ଅଞ୍ଚଳରେ ଚାଉଳି କୋଳିର ଚାହିଦା ବୃଦ୍ଧି ପାଇଛି। ବିଶେଷକରି ଖରାଦିନେ ଏହି କୋଳିକୁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଖାଇ ଭୋକ ଓ ଶୋଷ ମେଣ୍ଟାଇଥାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି କୋଳି ଭାରି ସୁଆଦିଆ। ଏହା କଳା ଅଙ୍ଗୁର ଭଳି ଦେଖିବାକୁ। ଚୈତ୍ରମାସ ଝାଞ୍ଜି ଖରାରେ ଗଛରେ ପେଣ୍ଠା ପେଣ୍ଠା ହୋଇ ପାଚି ଝୁଲୁଥିବା ଦେଖିବାକୁ ମିଳେ। ସ୍ଥାନୀୟ ଲୋକମାନେ ଏହାକୁ ତୋଳି ବିକ୍ରି କରିଥାନ୍ତି। ଏହା କିଲୋ ପ୍ରତି ୨୫ଟଙ୍କାରୁ ଅଧିକରେ ବିକ୍ରି କରିଥାନ୍ତି। ଏହି କୋଳି ଦେଶୀ ବିଦେଶୀ ପକ୍ଷୀମାନଙ୍କ ମୁଖ୍ୟ ଆହାର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବିଶେଷକରି କାଉ, କୋଇଲି, ହଳଦୀବସନ୍ତ, ଭଦଭଦଳିଆ, କାଠହଣା, କୁଣ୍ଡାପଟିକି ଚଢ଼େଇ ସମେତ ଅନ୍ୟ ଜୀବଜନ୍ତୁ ଖାଦ୍ୟ ଭାବେ ଏହାକୁ ଖାଇଥାନ୍ତି।

# ସ୍ୱାସ୍ଥ୍ୟସେବା ଶିବିରରେ ୩ ଶହ ରୋଗୀଙ୍କ ଚିକିତ୍ସା

ରାଜକନିକା,୯।୪ (ଡି.ଏନ.ଏ.)

ମୋ ରାଜକନିକା ଗ୍ରୁପ୍ ଆୟୋଜନ ତଥା ରାଣୀ ରାଉତ ଫାଉଣ୍ଡେଶନ ମିଳିତ ସହଯୋଗରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ବିଭାଗର ପ୍ରାୟ ୩ ଶହ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ରାଜକନିକା ବ୍ଲକ ଆଖୁଲିପଡ଼ା ପଞ୍ଚାୟତର ପିମ୍ପୁଡ଼ିସ୍ଥିତ ବଜ୍ରମହାକଳୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ସ୍ୱର୍ଗତ ଶିକ୍ଷକ ଦ୍ୱୟଙ୍କ ସ୍ମୃତି ଚାରଣସଭା ମଧ ଅନୁଷ୍ଠିତ ହୋଇଥିଲା। ଶିବିରକୁ ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଜିତେନ୍ଦ୍ର କୁମାର ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ଏନ୍‌ଆଇଏଫ୍‌ଟିର ନିର୍ଦ୍ଦେଶକ ବିନୟ ଭୂଷଣ ଜେନା ଯୋଗଦେଇଥିଲେ। ଯୁବ ସାମାଜିକ କର୍ମୀ ସୌମ୍ୟକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଜୟ କୁମାର କୁଣ୍ଡୁ ଧନ୍ୟବାଦ ଦେଇଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ଜିତେନ୍ଦ୍ର କୁମାର ରାଉତ, ଫୁସ୍‌ଫୁସ୍ ଓ ଭେଷଜ ବିଶେଷଜ୍ଞ ଡା. ଯାରା ଧନୁର୍ଯ୍ୟୟ, କର୍ଣ୍ଣ, ନାସା ଓ ଗଳା ବିଭାଗ ବିଶେଷଜ୍ଞ ଡା. ଦୀପକ କୁମାର ସୂତାର, ଚକ୍ଷୁ ବିଭାଗ ବିଶେଷଜ୍ଞ ଶୃତାକୀର୍ତ୍ତି ପରିଡା, ଶିଶୁରୋଗ ବିଶେଷଜ୍ଞ ଡା. ରାମକୃଷ୍ଣ ଗୁରୁ, ଚର୍ମ ଓ ଯୌନ ରୋଗ ବିଶେଷଜ୍ଞ ଡା. ବିଶ୍ୱରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ଏଥିସହ ସ୍ୱର୍ଗତ ଶିକ୍ଷକ ଶିବସୁନ୍ଦର ଜେନା ଓ ଡ. ବିରଞ୍ଚି ନାରାୟଣ ରାୟଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୋ କନିକା ଗ୍ରୁପ୍ ସଦସ୍ୟ ଶୁଭାଶିଷ ରାଉତରାୟ, ରଞ୍ଜିତ୍ ନାୟକ, ସାମାଜିକ କର୍ମୀ ଫିରୋଜ ବେହେରା, ରାଜେଶ ବାରିକ୍, କପିଳେନ୍ଦ୍ର ସୂତାର, ଧ୍ରୁବ ଚରଣ ଜେନା ପ୍ରମୁଖ ଶିବର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଛନ୍ତି।

# ଜେନାପାଟଣା ସେତୁ ୨ ଥର ଉଦ୍‌ଘାଟିତ



ବିଧାୟକ ଧ୍ରୁବ ସାହୁ ଜେନାପାଟଣା ବିଜୁ ସେତୁକୁ ଉଦ୍‌ଘାଟନ କରୁଛନ୍ତି।



ଡାମରପୁର ସରପଞ୍ଚ ଅନସୂୟା ନାଥ ଓ ପଞ୍ଚାୟତର ଲୋକମାନେ ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୯।୪

**ସେତୁକୁ ବିଧାୟକଙ୍କ ପୂର୍ବରୁ ସରପଞ୍ଚ ଉଦ୍‌ଘାଟନ କଲେ**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଙ୍ଗଠନରେ ଦୀର୍ଘଦିନ ଧରି କୁହୁଳୁଥିବା ନିଆଁ ରବିବାର ପଦାକୁ ଆସିଛି। ବ୍ଲକ୍‌ର ଡାମରପୁର ପଞ୍ଚାୟତ ଜେନାପାଟଣାଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ସେତୁର ଶନିବାର ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମରେ ଏହି ବିବାଦ ପଦାରେ ପଡ଼ିଛି। ବିଧାୟକଙ୍କ ପୂର୍ବରୁ ପଞ୍ଚାୟତର ସରପଞ୍ଚ ତାଙ୍କ ସମର୍ଥକଙ୍କ ସହିତ ଆସି ଏହି ସେତୁକୁ ଉଦ୍‌ଘାଟନ କରିଥିଲେ। ଏହି ଘଟଣା ଜିଲା ରାଜନୀତିକୁ ସରଗରମ କରିଦେଇଛି।

ଡାମରପୁର ପଞ୍ଚାୟତ ଜେନାପାଟଣାଠାରେ ୪ କୋଟି ୬ଲକ୍ଷ ୨୫ହଜାର ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁ ନିର୍ମାଣ କରାଯାଇଥିଲା। ତେବେ ଜେନାପାଟଣା ସେତୁର ଉଦ୍‌ଘାଟନ ପାଇଁ ଶନିବାର ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ନାମ ଫଳକ ଲଗା ହୋଇ କାର୍ଯ୍ୟକ୍ରମ ସ୍ଥିର କରଯାଇଥିଲା। ଏହି ସେତୁକୁ ବିଧାୟକ ଧ୍ରୁବ ସାହୁ ଓ ଡାମରପୁର ସରପଞ୍ଚ ଅନସୂୟା ନାଥ ପୃଥକ୍ ଭାବେ ୨ ଥର ଉଦ୍‌ଘାଟନ କରିଥିଲେ।

ସୂଚନା ଅନୁସାରେ, ସେତୁ ଉଦ୍‌ଘାଟନ ପାଇଁ ବିଧାୟକଙ୍କ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ତେବେ ସେ ଆସିବା ପୂର୍ବରୁ ହଠାତ୍ ପୂର୍ବାହ୍ନ ୧୦ଟାରେ ସରପଞ୍ଚ ନାଥ ଉଦ୍‌ଘାନ କରିଥିଲେ। ଏଥିରେ ତାଙ୍କ ସହ ସମିତିସଭ୍ୟା ନିରୁପମା ସାହୁ, ନାଏବ ସରପଞ୍ଚ ଗୋପୀନାଥ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ନୃସିଂହ ସାହୁ, ୱାର୍ଡସଭ୍ୟ ଶଶିକାନ୍ତ ସେଠୀ, ତାପସ ମଲିକ, ମକୁ ସେଠୀଙ୍କ ସମେତ ଅନ୍ୟ ୱାର୍ଡ ସଭ୍ୟାସଭ୍ୟ ଓ ବସନ୍ତ ନାଥ, ରତିରଞ୍ଜନ ସାହୁ, ନିରଞ୍ଜନ ଦାସ ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ସେ ଉଦ୍‌ଘାଟନ କରିଥିବା ସେତୁ ଫଳକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ନାମ ରହିଥିବା ବେଳେ ପଞ୍ଚାୟତର ଅନ୍ୟ କାହା ନାମ ଉଲ୍ଲେଖ ନ ଥିଲା। ଏହାପରେ ଅପରାହ୍ନ ସାଢ଼େ୧ଟାରେ ବିଧାୟକ ସାହୁ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ସାମନ୍ତରାୟଙ୍କ ସହ ଶତାଧିକ ବିଜେଡି କର୍ମୀ ସାମିଲ ହୋଇ ଶୋଭାଯାତ୍ରାରେ ଆସି ସେତୁକୁ ପୁଣିଥରେ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀ ଯନ୍ତ୍ରୀ ବିନୋଦ ଦାଶ, ସହସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ଓ ରଶ୍ମି ମଲିକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କ୍ଷୀରୋଦ ସାମନ୍ତରାୟ, ଡାମରପୁର ସମବାୟ ସମିତି ସଭାପତି ସୁବାସ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଘଟଣା ଜିଲା ବିଜେଡି ରାଜନୀତିକୁ ସରଗରମ କରିଦେଇଛି। ଏ ସମ୍ପର୍କରେ ସରପଞ୍ଚ ନାଥଙ୍କୁ ପଚାରିବାରେ ଆମ ପଞ୍ଚାୟତ ଜେନାପାଟଣାର ବିଜୁ ସେତୁକୁ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାଦ୍ ଦେଇ ପାଖ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଏହାକୁ ନେଇ ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶତାଧିକ ଜନସାଧାରଣ ,ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆମ ଅଞ୍ଚଳର ସେତୁକୁ ଆମେ ଉଦ୍‌ଘାଟନ କରିଥିଲୁ ବୋଲି ସେ କହିଛନ୍ତି। ରାଜନଗର ବିଧାୟକ ସାହୁଙ୍କୁ ପଚାରିବାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସେମାନେ ସ୍ଥାନୀୟ ପ୍ରତିନିଧିଙ୍କୁ କହି ଏଭଳି କାରାଇଛନ୍ତି। ମାତ୍ର ପୂର୍ବରୁ ସେତୁ ଉଦ୍‌ଘାଟନ ହୋଇଥିବା କଥା ମୁଁ ଜାଣିନାହିଁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଉଣ୍ଡୁମ ଗ୍ରାମରେ ବ୍ୟାପୁଛି ମିଳିମିଳା

**ପାରଳାଖେମୁଣ୍ଡି,୯।୪(ଡି.ଏନ୍.ଏ.):** ମୋହନା ବ୍ଲକ ଯୁବ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧୁଷିତ ଉଣ୍ଡୁମ ଗ୍ରାମରେ ମିଳିମିଳା ବ୍ୟାପିବାରେ ଲାଗିଛି। ଗତ ଏକ ସପ୍ତାହ ମଧ୍ୟରେ ଗ୍ରାମର ୨୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମିଳିମିଳାରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଥିବା ଦେଖାଯାଇଛି। ଖବର ପାଇ ମୋହନା ଓ ଚନ୍ଦ୍ରଗିରି ଡାକ୍ତରୀ ଟିମ ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଆଦିବାସୀ ଅଧୁଷିତ ମୋହନା ବ୍ଲକର ବିଭିନ୍ନ ଦୁର୍ଗମ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଏବଂ ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ ଫଳରେ ଲୋକେ ବାଧ ହୋଇ ମିଳିମିଳାରୁ ଆରୋଗ୍ୟ ଲାଭପାଇଁ ପାରମ୍ପରିକ ଚେରମୂଳିକା ଔଷଧ ବ୍ୟବହାର କରୁଛନ୍ତି। ଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ନିକଟସ୍ଥ ଗ୍ରାମ ଗୁଡିକରେ ଆଗୁଆ ପ୍ରତିଷେଧକ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମହିଳା ମହାବିଦ୍ୟାଳୟରେ ଖୋଲିଲା ବୈଷୟିକ ପାଠ୍ୟକ୍ରମ

**ଆସିକା,୯।୪(ଡି.ଏନ୍.ଏ.):** ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷରୁ ବିସିଏ, ବିବିଏ ଓ ପିଜିଡିସିଏ ଭଳି ବୈଷୟିକ ପାଠ୍ୟକ୍ରମ ଖୋଲାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା-୧୯୭୦୮/୦୬.୦୪.୨୦୨୩ରେ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତ୍ୟେକ ପାଠ୍ୟକ୍ରମରେ ୬୪ଟି ସ୍ଥାନ ରହିଛି। ସ୍ୱଳ୍ପ ଦେୟରେ ଛାତ୍ରୀମାନଙ୍କୁ ଏହିସବୁ ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରାଯିବ ବୋଲି କଲେଜ ଅଧକ୍ଷ ଗଣେଶ୍ୱର ମାଝି କହିଛନ୍ତି। ସୂଚନାଯୋଗ୍ୟ, ଗତ ବିଧାନସଭା ଅଧିବେଶନରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ନୂତନ ବିଷୟ ଓ ଉଚ୍ଚତର ଶିକ୍ଷା ସାଙ୍ଗକୁ ବୈଷୟିକ ପାଠ୍ୟକ୍ରମ ଖୋଲିବା ସମ୍ପର୍କରେ ଏକ ଅଣତାରକା ଚିହ୍ନିତ ପ୍ରଶ୍ନ ମାଧ୍ୟମରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିଳା ମହାବିଦ୍ୟାଳୟରେ ଏହିସବୁ ବିଷୟ ଖୋଲିବା ଦ୍ୱାରା ଏ ଅଞ୍ଚଳର ଛାତ୍ରୀମାନେ ବୈଷୟିକ ଶିକ୍ଷା ଗ୍ରହଣ କ୍ଷେତ୍ରରେ ସୁବିଧା ପାଇପାରିବେ ବୋଲି କୁହାଯାଇଛି।

### ଶୂନ୍ୟ ସଡ଼କ ଦୁର୍ଘଟଣା ସଚେତନତା

**ରାଇକିଆ,୯।୪(ଡି.ଏନ.ଏ):** ଶୂନ୍ୟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସପ୍ତାହ ପାଳନ ଅବସରରେ ରାଇକିଆ ବ୍ଲକ ବଣିକ ସଂଘ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଡି ଚଳାଇବା ସମୟରେ ହେଲମେଟ ବ୍ୟବହାର, ମଦ୍ୟପାନ କରି ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ୧୮ ବର୍ଷରୁ କମ ବୟସର ପିଲାଙ୍କୁ ଗାଡି ଚଳେଇବାକୁ ନ ଦେବା, ଦ୍ରୁତ ଗତିରେ ଗାଡି ନଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନକରିବା ନିମନ୍ତେ ଜନସାଧାରଣଙ୍କୁ ଲିଫଲେଟ ଏବଂ ଚକୋଲେଟ ବଣ୍ଟନ କରି ସଚେତନତା କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ରାଇକିଆ ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ପିଙ୍କୁଲୁ ସାବତ, ତିରୁପତି ଶୁବୁଦ୍ଧି, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ସଙ୍ଗଠନ ସମ୍ପାଦକ ରଞ୍ଜନ ବେହେରା, ଓମ ପ୍ରକାଶ ବେହେରା, ବିକ୍ରମ ଆଦିତ୍ୟ ପାଳ, ଗଙ୍ଗା ପଣ୍ଡା, ଗୋବିନ୍ଦ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ପାତ୍ର , ରାଇକିଆ ଏଏସ୍ଆଇ ଅଶୋକ ତ୍ରିପାଠୀ, ଏଏସ୍ଆଇ ଏ.ଦୀନବନ୍ଧୁ , ବିଜେଡି ସଭାପତି ରାଜମୋହନ ଦିଗାଳ ଯୋଗଦେଇ ଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମରେ ଅବ୍ୟବସ୍ଥା

- ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେଉନି କାମ
- ନିମ୍ନମାନର କାମକୁ ନେଇ ଅସନ୍ତୋଷ

**ନୂଆଗାଁ,୯।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବିଭିନ୍ନ ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଛି। ହେଲେ ଅଧିକାରୀ, କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ନିର୍ମାଣ କାର୍ଯ୍ୟରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ନୁହେଁ ବରଂ ଠିକାଦାରମାନଙ୍କ କଥାରେ ଉନ୍ନୟନ କାମ ଚାଲିଛି ବୋଲି ଅଭିଯୋଗ ହେଉଛି।

ପ୍ରତି ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ସରକାର ବହୁ କୋଟି ଟଙ୍କା ବିନିଯୋଗ କରିଛନ୍ତି । ହେଲେ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ସେଥିରେ ଅଣଦେଖା କରି ଆସୁଛନ୍ତି । ଏଥିପାଇଁ ଜନସାଧାରଣ ଉନ୍ନୟନ କାମରେ ସୁଫଳ ପାଇ ପାରୁନାହାନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ମହିତମାଠାରୁ ସିକ୍ରିଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ବିଭାଗର ନିୟମ ଅନୁସାରେ କାମ ଶେଷ ହେବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ ଠିକାଦାର ସେହି ରାସ୍ତାର ରକ୍ଷଣାବେକ୍ଷଣ କରିବେ।


ଅଧାପନ୍ତରିଆ ସୋରଡ଼ା ଗୌଡଚାଞ୍ଚେରାପଲି ରାସ୍ତା।


କାମ ଆରମ୍ଭରୁ ଫାଟିଯାଇଥିବା କଂକ୍ରିଟ ରାସ୍ତା।

କିନ୍ତୁ ୫ ବର୍ଷ ସରି ଯାଇଥିଲେ ମଧ୍ୟ କୌଣସି ଗୋଟିଏ ରାସ୍ତାର ମରାମତି କାମ କରାଯାଇ ନାହିଁ । ଏବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ସେହିପରି ସୋରଡାଠାରୁ ଗୌଡଚାଞ୍ଚେରାପଲି ରାସ୍ତା ୨୪।୮।୨୦୨୨ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଠିକାଦାର ଅଦ୍ୟାବଧି ଅଧାକାମ ଶେଷ କରିନାହାନ୍ତି। ଯାହାକୁ ନେଇ ଏକାଧିକ ଥର ଆନ୍ଦୋଳନ, ରାସ୍ତାରୋକୋ କରାଯାଇଛି। ସମ୍ପୃକ୍ତ ଠିକାସଂସ୍ଥାକୁ ମୁଦୁରାଙ୍ଗଠାରୁ କୋଶଳାଙ୍ଗ ରାସ୍ତା ନିର୍ମାଣର ଦାୟିତ୍ୱ ଦିଆଯାଇଛି । ସେହି କାମ ୮।୪।୨୨ରେ ଆରମ୍ଭ କରାଯାଇ ୭।୩।୨୦୨୩ରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ତ୍ତମାନ ସୁଦ୍ଧା ସେହି ରାସ୍ତାରେ ମାତ୍ର ଅଳ୍ପ କିଛି କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି । ହେଲେ ନିମ୍ନମାନର କାମ ଯୋଗୁ ସେହି ରାସ୍ତା ମଝିରୁ ଫାଟି ଯାଇଛି । ଚଢେଇମରାଠାରୁ ନଇତଇଲା ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଚାଲିଛି । ନିର୍ମାଣ ସମୟରେ ଓପାଡ଼ି ଦିଆଯାଇଥିବା ଗଛ ସ୍ଥାନରେ ଠିକ ଭାବେ ରୋଲିଂ ନ କରିବା ଯୋଗୁ ରାସ୍ତା ଦବି ଯାଇଥିବା ଦେଖିବାକୁ ମିଳିଛି । ମୁଦୁରାଙ୍ଗ-କୋଶଳାଙ୍ଗ ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ ବାବଦରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳୀ ପଣ୍ଡାଙ୍କୁ ପଚାରିବାରେ ମୁଁ ନିଜେ ଉପସ୍ଥିତ ରହି କାମ ଦେଖିଛି । ହେଲେ କାହିଁକି ଫାଟିଲା ବୁଝାପଡୁନାହିଁ । ସେହି ରାସ୍ତାର ମରାମତି କରାଯିବ ବୋଲି ସେ କହିଛନ୍ତି । ଠିକ ସମୟରେ କାମ ନ ସରିବା ବାବଦରେ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁଙ୍କୁ ପଚାରିବାରେ ବାରମ୍ବାର ତାଗିଦ୍ ସତ୍ତ୍ୱେ ଠିକାଦାର କାମ କରୁନାହାନ୍ତି। ଟେଣ୍ଡର କାମରେ ଆମେ କିଛି କରିପାରିବୁ ନାହିଁ , ଉପରିସ୍ଥ ଅଧିକାରୀ ଯାହା କରିବେ ବୋଲି ସେ କହିଛନ୍ତି ।

## ଜଙ୍ଗଲରୁ ନିଖୋଜ ଦଣ୍ଡୁଆଙ୍କ ଝୁଲନ୍ତା ମୃତଦେହ ଜବତ

**ଦଶପଲ୍ଲା,୯।୪(ଡି.ଏନ.ଏ)**

ନୟାଗଡ଼ ଜିଲା ଦଶପଲ୍ଲା କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମରୁ ନିଖୋଜ ଥିବା ଦଣ୍ଡୁଆଙ୍କ ମୃତଦେହ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତକ ହେଲେ କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ବିଜୟ ନାହାକ । ସେ ଗତ ୫ ଦିନ ହେବ ନିଖୋଜ ଥିଲେ । ରବିବାର ଘୁଘୁଡିପଡ଼ା ଆଲପଙ୍ଗା ଜଙ୍ଗଲରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ବିଜୟ ଘୁଘୁଡିପଡ଼ା ଗ୍ରାମକୁ ଦଣ୍ଡନାଚ କରିବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକଙ୍କ ସହ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଥିଲା । ଗ୍ରାମବାସୀ ଓ ପରିବାର ଲୋକେ ରବିବାର ଘୁଘୁଡିପଡ଼ାରେ ପହଞ୍ଚି ଗ୍ରାମବାସୀଙ୍କ ସହ ପୋଲିସ ଉପସ୍ଥିତିରେ ଗଛରୁ ମୃତଦେହ ଠାବ କରିଥିଲେ। ତେବେ ଏହି ଘଟଣାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି ।

# ୪୧ ବର୍ଷ ପରେ ଏକାଠି ହେଲେ ସହପାଠୀ


ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରମାନେ।

**ନୟାଗଡ଼ ଅଫିସ,୯।୪**

ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୨ବ୍ୟାଚ ବନ୍ଧୁ ମିଳନ କୁଆଁରୀଆ ସ୍ଥିତ ମା'କୁମାରୀଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ଜଣ ସହପାଠୀ ୪୧ ବର୍ଷ ପରେ ଏକାଠି ହୋଇ ସ୍ମୃତି ଚାରଣ କରିଥିଲେ । ଅନ୍ୟପକ୍ଷେ ଦିବ୍ୟଙ୍ଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମତାମତ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀ କମିଟି ଗଠନ ପାଇଁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା । ପ୍ରଫୁଲ୍ଲ କୁମାର ନାୟକ ସଭାପତି, ଶିବ ନାରାୟଣ ପଟ୍ଟନାୟକ ସମ୍ପାଦକ, ଓ ରମେଶ ଚନ୍ଦ୍ର ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ଆସନ୍ତା ୧୯ ତାରିଖ ମଧ୍ୟରେ ସହପାଠୀମାନେ ଅନୁଦାନ ପ୍ରଦାନ ପାଇଁ ନିବେଦନ କରାଯାଇଥିଲା । ଧନ୍ୟବାଦ ଅର୍ପଣ ପରେ ମନୋରଞ୍ଜନ କାର୍ଯ୍ୟକ୍ରମ କରି ଭୋଜିର ଆୟୋଜନ କରାଯାଇଥିଲା ।

## ମା'ଲୋ ଦକ୍ଷିଣକାଳୀ ସଙ୍ଗୀତ ଭିଡିଓ ଉନ୍ମୋଚିତ

**ନୟାଗଡ଼ ଅଫିସ,୯।୪**

ନୟାଗଡ଼ର ଅନ୍ୟତମ ସଙ୍ଗୀତ ଅନୁଷ୍ଠାନ ଶ୍ରୀ ସୃଜନ ପକ୍ଷରୁ ଦକ୍ଷିଣକାଳୀ ମନ୍ଦିରରେ ମା'ଲୋ ଦକ୍ଷିଣକାଳୀ ସଙ୍ଗୀତ ଭିଡିଓ ଉନ୍ମୋଚିତ ହୋଇଯାଇଛି। ସୁର ଗନ୍ଧର୍ବ ନବକିଶୋର ମିଶ୍ର, ଶ୍ରୀସୃଜନର ସଭାପତି ଡ. ବିଜୟ କୁମାର ଚୌଧୁରୀ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ପ୍ରଦୀପ ସାହୁ, ଡ. ସୁକାନ୍ତି ମହାନ୍ତି, ପ୍ରତାପ କୁମାର ସାହୁ ,ଜୟଶ୍ରୀ ମନ୍ତ୍ରୀ, ସାଇଶ୍ରୀ ଦେବୀ, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉନ୍ମୋଚନ ଉତ୍ସବରେ ଯୋଗଦେଇଥିଲେ । ଗୀତିକାର ତଥା ଶ୍ରୀ ସୃଜନର ସମ୍ପାଦିକା ଅଧ୍ୟାପିକା ତଥା କଣ୍ଠଶିଳ୍ପୀ,ସଙ୍ଗୀତ ନିର୍ଦ୍ଦେଶିକା ଜୟଶ୍ରୀ ଦେବୀ କଣ୍ଠଦାନ କରିବା ସହିତ ସଙ୍ଗୀତ ସଂଯୋଜନା କରିଛନ୍ତି।

## ଛେନାପୋଡ଼ ପ୍ରଥମ ପ୍ରସ୍ତୁତକାରୀଙ୍କୁ ନେଇ ବିବାଦ

**ଜିଲାପାଳଙ୍କୁ ଫେରାଦ ହେଲା ହେମେନ୍ଦ୍ର ସେନା**

**ନୟାଗଡ଼ ଅଫିସ,୯।୪**

ପୁଅ ସୁଦର୍ଶନ ସାହୁ ନୁହଁନ୍ତି, ତାଙ୍କ ବାପା ଦଶପଲ୍ଲା ସାତପାଟଣାର ବିଦ୍ୟାଧର ସାହୁ ଛେନାପୋଡ଼ର ପ୍ରଥମ ପ୍ରସ୍ତୁତକାରୀ ବୋଲି ରବିବାର ଜିଲାପାଳଙ୍କୁ ଫେରାଦ ହୋଇଛି ହେମେନ୍ଦ୍ର ସେନା। ଛେନାପୋଡ଼ ଦିବସ ପାଳନକୁ ହେମେନ୍ଦ୍ର ସେନା ସ୍ୱାଗତ କରୁଛ ତେବେ ମିଥ୍ୟା ତଥ୍ୟକୁ ନୁହେଁ ବୋଲି ସଙ୍ଗଠନ ସମ୍ପାଦକ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଏପ୍ରିଲ ୧୧ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି । ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବା ପାଇଁ ଜିଲାର ସମସ୍ତ ବିଭାଗକୁ ଚିଠି ଲେଖୁଛନ୍ତି । ବିଭିନ୍ନ ଅନୁଷ୍ଠାନ ମଧ ଛେନାପୋଡ଼ ଦିବସ ପାଳନ କରୁଛନ୍ତି। ଏଭଳିସ୍ଥଳେ ସୁଦର୍ଶନଙ୍କ ସାନପୁଅ ସୁମନ କୁମାର ସାହୁ କୁହନ୍ତି, ଛେନାପୋଡ଼ ପ୍ରଥମେ ଜେଜେ ନୁହେଁ ବାପା ସୁଦର୍ଶନ ସାହୁ ପ୍ରସ୍ତୁତ କରିଥିଲେ । ହଜାର ବାର ଛେନାପୋଡ଼ ପ୍ରଥମ ପ୍ରସ୍ତୁତି ସମ୍ପର୍କିତ କାହାଣୀ ବାପା ଥରେ ନୁହେଁ ଅନେକ ଥର କହିଛନ୍ତି। ଆମ ପରିବାରର ବାପା ଓ ଜେଜେ ବାପାଙ୍କ ନାଁ କୁ ନେଇ ବିବାଦ କରିବା ଠିକ ନୁହେଁ। ବାପା ସୁଦର୍ଶନଙ୍କ ପାଇଁ ଜିଆଇ ଟ୍ୟାଗ ଆବେଦନ କରାଯାଇନାହିଁ । ନୟାଗଡ଼ ଛେନାପୋଡ଼ ପାଇଁ ଜିଆଇ ଟ୍ୟାଗ ଆବେଦନ କରାଯାଇଛି । ଏଭଳି ସ୍ଥିତିରେ ଦ୍ୱନ୍ଦ ସୃଷ୍ଟି ନ କରି ସହଯୋଗ କଲେ ଜିଆଇ ଟ୍ୟାଗ ସୁବିଧାରେ ମିଳିବ। ବିଦ୍ୟାଧର ସାହୁଙ୍କ ଦୋକାନରେ ତାଙ୍କ ପୁଅ ସୁଦର୍ଶନ ପ୍ରଥମେ ଛେନାପୋଡ଼ ପ୍ରସ୍ତୁତ କରିଥିବା ସୂଚନା ରହିଛି । ଗତବର୍ଷ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହୋଇଥିଲା ।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**ଦଶପଲ୍ଲା,୯।୪(ଡି.ଏନ.ଏ.)**

ରବିବାର ଦଶପଲ୍ଲା ପ୍ରଗତି ସ୍ୱଂୟ ସହାୟକ ଗୋଷ୍ଠୀ ତରଫରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଦଶପଲ୍ଲାର ଶ୍ରୀମହାବୀରଙ୍କପୀଠରୁ ଆରମ୍ଭ କରାଯାଇ ତ୍ରିନାଥ ଛକ ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ରଥକୁ ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ ଶୁଭାରମ୍ଭ କରିଥିଲେ। ଦଶପଲ୍ଲା ପୋଲିସ ଏଥିରେ ସହଯୋଗ କରିଥିଲେ। ପ୍ରଗତି ସ୍ୱଂୟ ସହାୟକ ଗୋଷ୍ଠୀର ଡ୍ରେସ,ଟୋପି ପିନ୍ଧି ଗଣେଶ ବଜାର, ମେଡିକାଲ ଛକ, ବ୍ଲକ ଛକ ଓ ତ୍ରିନାଥ ବଜାର ଛକରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ପ୍ରଚାର ପତ୍ର ଓ ଚକ୍ଲେଟ ବଣ୍ଟନ କରାଯାଇଥିଲା। କାଉନସିଲର ସନୋଜ କୁମାର ସାହୁ , ଅନୁଷ୍ଠାନ ପକ୍ଷରୁ ନିଶାମଣି ପଟ୍ଟନାୟକ, ଦିନେଶ ଚନ୍ଦ୍ର ଦାସ, ନାରାୟଣ ସାହୁ,ସୁଶାନ୍ତ କୁମାର ସ୍ୱାଇଁ, ସମୀର କୁମାର ପଟ୍ଟନାୟକ,ବୈକୁଣ୍ଠ ନାଥ ମିଶ୍ର, ଅଶୋକ କୁମାର ପଟ୍ଟନାୟକ, ନରସିଂହ ସାହୁ, ପଦ୍ମ ଚରଣ ପାତ୍ର, ପ୍ରମୋଦ କୁମାର ରଣା, ଅଜୟ କୁମାର ପୃଷ୍ଟି, ଗୋବିନ୍ଦ ମହାରଣା,ସନ୍ତୋଷ କୁମାର ସାହୁ, ଜଗନ୍ନାଥ ବେହେରା,ସୁରେଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା, ପଙ୍କଜ କୁମାର ସାହୁ ,କୃଷ୍ଣ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।


ଗାଡ଼ି ଚାଳକମାନଙ୍କୁ ସଚେତନ କରାଯାଉଛି।

## ୩୭ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼ ଅଫିସ,୯।୪**

ନୟାଗଡ଼ ସାମ୍ବାଦିକ ଭବନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲା ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ଏସ୍‌ପି ଅଲେଖ ଚନ୍ଦ୍ର ପହି ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ଖବରଦାତା ବିଭୁତି ଭୁଷଣ ସ୍ୱାଇଁ, ଲକ୍ଷ୍ମୀଧର , ରୋଟାରିଆନ ପ୍ରସନ୍ନ କୁମାର ବସନ୍ତିଆଙ୍କ ସହ ଅନ୍ୟମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଅଜୟ କୁମାର ବାହିନପତି ଓ ଆୟୁଷ ଡାକ୍ତର ସଞ୍ଜୟ କୁମାର ଦାସ ଉକ୍ତ ଶିବିରକୁ ପରିଚାଳନା କରିଥିଲେ । ନୟାଗଡ଼ ବ୍ଲଡବ୍ୟାଙ୍କ କାଉନସିଲର ଅଜୟ କୁମାର ପଟ୍ଟନାୟକ, ଟେକ୍ନିସିଆନ ସରୋଜ କୁମାର ସାହୁ, ଅଭିମନ୍ୟୁ ସାହୁ, ସନାତନସୁନ୍ଦରାୟ ଓ ମାନସ ବେହେରା ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ୱାଭିମାନ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର


ରକ୍ତଦାନ ଶିବିରରେ ଯୁବକ ସଂଘର କର୍ମକର୍ତ୍ତା ଓ ଅତିଥି।

**୫୪ ୟୁନିଟ ରକ୍ତ ସଂଗ୍ରହ**

**ଭାପୁର,୯।୪ (ଡି.ଏନ୍.ଏ.)**

ଭାପୁର ବ୍ଲକ ଶାଳପଡା ପଞ୍ଚାୟତ କେନ୍ଦୁପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଭିମାନ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ନୟାଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରର ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶୋକ କୁମାର ମଲ୍ଲିକ, ପ୍ରକାଶ କୁମାର ପାଣିଗ୍ରାହୀ , ପଞ୍ଚୁ ଦଳେଇ, ସହଦେବ ମଲ୍ଲିକ, ଦେବେନ୍ଦ୍ର କୁମାର ସାମନ୍ତରାୟ, ସତ୍ୟପ୍ରିୟା ସାହୁ ରକ୍ତ ସଂଗ୍ରହ କରିଥିଲେ। ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଫତେଗଡ ଥାନା ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବକ ସଂଘ ପକ୍ଷରୁ ସଭାପତି ସୁବାସ ପଣ୍ଡା ତ୍ରିନାଥ , ସମ୍ପାଦକ ଅଧ୍ୟାପକ ବୈଦ୍ୟନାଥ ପଣ୍ଡା, ଅଧ୍ୟାପକ ସୁମନ୍ତ ଜେନା, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାରଣା, ଯୁବନେତା ଅକ୍ରୁର ସ୍ୱାଇଁ , ତ୍ରିନାଥ ପଣ୍ଡା ପ୍ରମୁଖ ଉକ୍ତ ଶିବିରରେ ସହଯୋଗ କରିଥିଲେ। ଖବରଦାତା ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

**କବିସୂର୍ଯ୍ୟନଗର,୯।୪(ଡି.ଏନ୍.ଏ.)**

ଗ୍ରାମ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ରବିବାର ଦିନିକିଆ ଗସ୍ତରେ ଆସି ବହୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇଥିଲେ। ସକାଳେ ମନ୍ତ୍ରୀ ପ୍ରଥମେ ଆଠଗଡ଼ ପାଟଣାରେ ପହଞ୍ଚିଥିଲେ। ସେଠାରେ କବିସୂର୍ଯ୍ୟନଗର ୯ଟି ପଞ୍ଚାୟତର ଜନ ପ୍ରତିନିଧି, ଏନଏସି ଅଧ୍ୟକ୍ଷ ଏସ୍. ଲକ୍ଷ୍ମୀ ସେଠୀ ଓ ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ଆଠଗଡ ସରପଞ୍ଚ ଛବିରାଣୀ ତ୍ରିପାଠୀ ଓ ସମିତି ସଭ୍ୟ ଅମ୍ବିକା ପୋଲାଇ,ବୁଢ଼ାମ୍ବ ସରପଞ୍ଚ ସୁଜିତା ପଣ୍ଡା ଓ ସମିତି ସଭ୍ୟା ମମତା ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ଏମ୍‌ପି ପ୍ରତିନିଧି ନୀଳମଣି ପ୍ରଧାନ, ସୁନୀଲ କୁମାର ପୋଲାଇ, ଆଦିତ୍ୟ କୁମାର, ରାଜେଶ କୁମାର ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ମନ୍ତ୍ରୀ ଆଠଗଡ଼ଠାରେ ଗ୍ରାମ୍ୟ ହାଟ, ଯୌଗିକ କେନ୍ଦ୍ରୀୟ ବଜାର, ଓଡ଼ିଆ ସମାଜ ଗୃହ, ଏକ୍ସ ବୋର୍ଡ ପିୟୁପି ସ୍କୁଲ ବିଲ୍‌ଡିଙ୍ଗର ଶିଳାନ୍ୟାସ କରିଥିଲେ। ଏହାପରେ ବଡଆଗୁଳଠାରେ ରାଜ୍ୟ ରାଜପଥ ୩୦ର ବଡ଼ଆଗୁଳଠାରୁ ବୋଲସର ରାସ୍ତା, ବାଣନଇଠାରୁ ଜରଡ଼ ରାସ୍ତାର ଉନ୍ନତୀକରଣ ଓ କବିସୂର୍ଯ୍ୟନଗରଠାରୁ ଟଙ୍କାଛାଇ ରାସ୍ତାର ଉନ୍ନତୀକରଣ ଏହିପରି ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

# ସହାୟତା ଅପେକ୍ଷାରେ ପକ୍ଷାଘାତ ପୀଡ଼ିତ ଦମ୍ପତି

**ପୋଲସରା,୯।୪**

ଗରିବ ଅସହାୟ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରି ବାଃ ବାଃ ନେଉଛନ୍ତି ରାଜ୍ୟ ସରକାର। ହେଲେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଉଛନ୍ତି ମଦନଙ୍କ ପରିବାର। ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୫ ନମ୍ବର ୱାର୍ଡ ବାଲିଘାଇ ଗ୍ରାମରେ ବସବାସ କରନ୍ତି ମଦନ ଗୌଡଙ୍କ ପରିବାର। ପରିବାର କହିଲେ ୭ ଜଣ। ମଦନ ତଳ ଦିନେ ଦିନ ମଜୁରିଆ ଭାବେ କାମ କଲେ ଚଳୁଥିଲା ପରିବାର। ଏବେ କାମ କରିବାକୁ ସକ୍ଷମ ହେଉ ନାହାଁନ୍ତି ମଦନ। ୭ ବର୍ଷ ହେଲା ମଦନ ଓ ତାଙ୍କ ସ୍ତ୍ରୀ ଝୁନୁ ଉଭୟ ଏବେ ପାରାଲିସ ରୋଗରେ ପୀଡିତ। ସାନ ଝିଅ କୁନି ଅନ୍ଧ। ବଡ଼ ଝିଅ ଅନିତା ଯାହା କାମ କରେ ସେତିକିରେ ଚଳେ ପରିବାର। ଓଳିଏ ଖାଇଲେ ଆଉ ଓଳିଏ ଭୋକ ଉପାସରେ ବିତେ ଜୀବନ। ହେଲେ ବୃଦ୍ଧ ଦମ୍ପତିଙ୍କ ଚିକିତ୍ସା ଲାଗି ନାହିଁ ପାଖରେ ଟଙ୍କା। ଯାହା ଥିଲା ବିକି ଭାକି ଚିକିତ୍ସା କରାଇଲେ। କିନ୍ତୁ ଏବେ ଆଉ ଚିକିତ୍ସା କରି ପାରୁନାହାନ୍ତି। ଅନ୍ୟପଟେ ଏହି ଅସହାୟ ଗରିବ ପରିବାରକୁ ମିଳି ପାରିଲା ନାହିଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଖଣ୍ଡେ। କୁନି ପଢ଼ିବାକୁ ଆଶା କରିଥିଲେ ମଧ ପାଖରେ ଟଙ୍କା ନଥିବାରୁ ତାହା ବାଧକ ସାଜୁଛି। କେବଳ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ଏହି ଅସହାୟ ପରିବାର। ଯଦି ସରକାରୀ ଚିକିତ୍ସା ମିଳି ପାରନ୍ତା ତା'ହେଲେ ଭଲ ହୋଇ କାମ କରି ପରିବାରକୁ ଦୁଇ ମୁଠା ଖାଇବାକୁ ଦେଇପାରିଥାନ୍ତି ବୋଲି ମଦନ କୋହଭରା କଣ୍ଠରେ କହିଛନ୍ତି ।


ବୃଦ୍ଧ ଦମ୍ପତି।

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

କଳିଙ୍ଗନଗର,୯।୪(ଡି.ଏନ.ଏ.): ଛେଳି ଚରାଇବାକୁ ଯାଇଥିବା ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କଳିଙ୍ଗନଗର ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ବଅନ୍ତ ଥାନା ତାରାଗର ଗାଁର ସତ୍ୟଜିତ ନାୟକ(୩୦)। ଏନେଇ ଥାନାରେ ନଂ. ୬୧/୨୩ରେ ମାମଲା ରୁଜୁ ହୋଇଛି।

ସତ୍ୟଜିତ ଦଣ୍ଡ ନାଚ ଦେଖିବା ପାଇଁ ଦୁଇଦିନ ତଳେ ସିଆରିଆକୁ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଶନିବାର ଅପରାହ୍ନରେ ମଣ୍ଡପଡ଼ା ଅଞ୍ଚଳକୁ ଯାଇଥିବାବେଳେ ସେଠାର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଏକାକି ଛେଳି ଚରାଉଥିବା ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଜଣକ ପାଟି କରିବାରୁ ସତ୍ୟଜିତ ଜାଗା ଛାଡ଼ି ପଳାଉଥିବା ବେଳେ ଗାଁ ଲୋକେ ଆସି ତାଙ୍କୁ କାବୁ କରିଥିଲେ। ପୋଲିସ ପହଞ୍ଚି ସତ୍ୟଜିତଙ୍କୁ ଗିରଫ କରିବା ସହ ଡାକ୍ତରୀମାଇନା ପାଇଁ ଦାନଗଦିକୁ ପଠାଇଥିଲା।

### ଶ୍ରୀସତ୍ୟସାଇ ବାବାଙ୍କ ମହାରୁଦ୍ରମ୍ ଯଜ୍ଞ

ଯାଜପୁର ଟାଉନ,୯।୪(ଡି.ଏନ.ଏ.): ଯାଜପୁର ବ୍ଲକ୍ ଖଇରାବାଦ ଗ୍ରାମରେ ଶ୍ରୀସତ୍ୟସାଇ ବାବାଙ୍କ ମହାରୁଦ୍ରମ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୧ଟି ବେଦ ଜ୍ଞାନ ପ୍ରକୋଷ୍ଠ କରାଯାଇଥିଲା। ପ୍ରତ୍ୟେକ ପ୍ରକୋଷ୍ଠରେ ୧୧ ବେଦ ପାଠକ ବସି ବେଦଗାନ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବେଦ ପାଠକ ଯୋଗଦେଇଥିଲେ। ଜିଲା ଏବଂ ଜିଲା ବାହାରୁ ହଜାରହଜାର ସଂଖ୍ୟକ ସାଇ ଭକ୍ତ ଯୋଗଦେଇ ବେଦପାଠ ଶୁଣିଥିଲେ। ପ୍ରାତଃ ସମୟରୁ ଏକ ବିଶାଳ ଶୋଭାଯାତ୍ରାରେ ସାଇଭକ୍ତମାନେ ବେଦ ପାଠ କରି ନଗର ପରିକ୍ରମା କରିଥିଲେ।

### ଦାବିପୂରଣ ନ ହେଲେ ଆନ୍ଦୋଳନ ନିଷ୍ପତ୍ତି

ଯାଜପୁର ଟାଉନ,୯।୪(ଡି.ଏନ.ଏ.): ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଚିକିତ୍ସା ଭତ୍ତା, ପିଜିପିଏ ବିଭାଗର ପୁନଃସ୍ଥାପନ, ପେନସନ ନିର୍ଦ୍ଧାରଣର ତ୍ରୁଟି ସଂଶୋଧନ, ୬୫ ବର୍ଷରୁ ଅତିରିକ୍ତ ପେନସନ ଲାଗୁ, କମ୍ୟୁଟେସନ ଦେୟର ଅବଧିକୁ ୧୨ ବର୍ଷକୁ ହ୍ରାସ କରିବା, ବକେୟା ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ ଆଦି ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି। ତେଣୁ ଉପରୋକ୍ତ ଦାବିଗୁଡିକ ରାଜ୍ୟ ସରକାର ଆସନ୍ତା ୨୦ ତାରିଖ ସୁଦ୍ଧା ପୁରଣ ନ କଲେ ୨୪ ତାରିଖଠାରୁ ରାଜ୍ୟବ୍ୟାପୀ ପ୍ରତିବାଦ ସପ୍ତାହ ପାଳନ କରାଯିବ ବୋଲି ମହାସଂଘ ନିଷ୍ପତ୍ତି ନେଇଛି। ଏହି ପ୍ରତିବାଦ ସମୟରେ ଜିଲାପାଳ ଓ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜିଲା ସଂଗଠନ ପକ୍ଷରୁ ସଭାପତି ରବି ଶତପଥୀ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ସମ୍ପାଦକ ବିବେକାନନ୍ଦ ନାୟକ, ଉପଦେଷ୍ଟା ଅଭିମନ୍ୟୁ ରାଉତ, ଅଭିରାମ ସାମଲ, ଅକ୍ଷୟ ରାଉତ ଓ ମଦନ ମୋହନ କର ପ୍ରମୁଖ ନେତୃମଣ୍ଡଳୀ ସୂଚନା ଦେଇଛନ୍ତି।

# ବଡ଼ଚଣା ବ୍ଲକରେ ବ୍ୟାପକ ଦୁର୍ନୀତି

**ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲା କଂଗ୍ରେସ**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅଭିଯୋଗ କରୁଛନ୍ତି।

ଚଣ୍ଡିଖୋଲ,୯।୪(ଡି.ଏନ୍.ଏ.): ବଡ଼ଚଣା ବ୍ଲକର ୪୩ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ତେଣୁ ସମସ୍ତ ପଞ୍ଚାୟତର ତଦନ୍ତ ହେବା ଆବଶ୍ୟକ ବୋଲି ବଡ଼ଚଣା କଂଗ୍ରେସ ତରଫରୁ ରବିବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି।

ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବଡ଼ଚଣା କଂଗ୍ରେସ ନେତା କ୍ୟାପ୍‌ଟେନ୍ ରାଜନାରାୟଣ ମହାପାତ୍ର, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ପ୍ରଦୀପ୍ତ ମହାନ୍ତି ଓ ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ ପ୍ରମୁଖ ଯୋଗଦେଇ କହିଥିଲେ, ଫେବୃୟାରୀ ୧୫ରେ ବଡ଼ଚଣା ବ୍ଲକ କଂଗ୍ରେସ ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ବଡ଼ଚଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କୁହାଯାଇଥିବାବେଳେ ୧୫ଦିନ ତଳେ ବିଜେଡି ପକ୍ଷରୁ ଦୁର୍ନୀତିକୁ ସ୍ୱୀକାର କରାଯିବା ସହିତ ଏହାର ତଦନ୍ତ ଦାବିରେ ବ୍ଲକ ସମ୍ମୁଖରେ କର୍ମୀମାନେ ଧାରଣାରେ ବସିଥିଲେ। ମାର୍ଚ୍ଚ ୧୩ରେ ବଡ଼ଚଣା ବ୍ଲକର ୬ ପଞ୍ଚାୟତରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ କେବଳ ମଝିପଡ଼ା ଓ କୋଲଣଗିରି ପଞ୍ଚାୟତକୁ ତଦନ୍ତ କରି ଏହାର ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ୨ଜଣ ପ୍ରଶାନ୍ତ ଜେନା ଓ ସଞ୍ଜିତ୍ କରଙ୍କୁ ନିଲମ୍ବନ କରାଯାଇଥିଲା। ଏହା ଜିଲାପାଳଙ୍କ ନିର୍ଦ୍ଦେଶରେ ହୋଇଥିବାବେଳେ କେବଳ କୋଲଣଗିରି ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା।

ଭରତପୁର, ଅଣକା, ଗୋପାଳପୁର, ବରପଦା ଆଦି ପଞ୍ଚାୟତଗୁଡ଼ିକର ଅଦ୍ୟାବଧି ତଦନ୍ତ କରାଯାଇନାହିଁ। ତଦନ୍ତ କରାଗଲେ ବହୁ ଆର୍ଥିକ ଅନିୟମିତତା ଧରା ପଡ଼ିବ। ତେଣୁ ଏହାର ତଦନ୍ତ ଦାବିରେ ଗତ ୬ତାରିଖରେ ବ୍ଲକ୍ କଂଗ୍ରେସ ତରଫରୁ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀସିଂହ ରାଠୋରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, କୋଭିଡ୍ ସମୟରେ ପ୍ରତ୍ୟେକ ପଞ୍ଚାୟତରେ ବିପୁଳ ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ଅଦ୍ୟାବଧି ତଦନ୍ତ କରାଯାଇ ନାହିଁ। ସୂଚନା ଅଧିକାର ଆଇନବଳରେ ତଥ୍ୟ ପ୍ରଦାନ କରାଯାଉନାହିଁ। ଏଥିପାଇଁ କମିଶନରଙ୍କ ନିକଟରେ ଅପିଲ କରାଯାଇଛି।

ବ୍ଲକ ଅନ୍ତର୍ଗତ ଛତିଆ, ସୁଙ୍ଗୁଡ଼ା ଓ ବାଲିଚନ୍ଦ୍ରପୁର ପଞ୍ଚାୟତରେ ଶାସକ ଦଳର ସମର୍ଥିତ ସରପଞ୍ଚ ନ ଥିବା ହେତୁ ସେମାନଙ୍କୁ ବ୍ଲକ୍ ପ୍ରଶାସନ ତରଫରୁ ହଇରାଣ କରାଯାଉଛି। ପଞ୍ଚାୟତିରାଜ ବିଭାଗ ତରଫରୁ ଆସିଥିବା ଟଙ୍କା ପଞ୍ଚାୟତ ଆକାଉଣ୍ଟରେ ଗଚ୍ଛିତ ଥିବାବେଳେ ବିଡିଓ, ଜିପିଓ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉନ୍ନତିମୂଳକ କାମରେ ସହଯୋଗ କରୁନାହାନ୍ତି। ଯେଉଁଥି ପାଇଁ ଏହି ୩ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ପଞ୍ଚାୟତକୁ ଦିଆଯାଇଥିବା ଡିଜିଟାଲ ଫାଇଲଗୁଡ଼ିକ ସରପଞ୍ଚମାନଙ୍କ ନିକଟରେ ରହିବାର ପ୍ରବଧାନ ଥିବାବେଳେ ତାହା କରାଯାଇନାହିଁ। ପିଇଓଙ୍କ ମାଧ୍ୟମରେ ଏହି ପଞ୍ଚାୟତ ଟଙ୍କା ସବୁକୁ ସରପଞ୍ଚଙ୍କ ଅଗୋଚରରେ ହଡ଼ପ କରାଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଏବେ ସେଗୁଡ଼ିକ ବର୍ତ୍ତମାନର ବିଡିଓ ଫେରାଉଛନ୍ତି। ୨୦୦୧ରେ ଏଠାରେ ହୋଇଥିବା ଇନ୍ଦିରା ଆବାସ ଦୁର୍ନୀତି ସାରା ରାଜ୍ୟରେ ଯେପରି ହଇଚଇ ସୃଷ୍ଟି କରିଥିଲା ଠିକ୍ ସେହିଭଳି ଯଦି ତଦନ୍ତ କରାଯାଏ ତେବେ ସାରା ରାଜ୍ୟରେ ବଡ଼ଚଣା ବ୍ଲକରେ ହୋଇଥିବା ଦୁର୍ନୀତି ୧ନଂ.ରେ ରହିବ ବୋଲି କଂଗ୍ରେସ ନେତାମାନେ ଉକ୍ତ ସମ୍ମିଳନୀରେ ଦାବି କରିଛନ୍ତି। ଯଦିଖୁବ୍ ଶୀଘ୍ର ଜିଲାପାଳ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆସନ୍ତା ଦିନରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

# ମା'କାଳିଆଶୁଣୀ ପୀଠ ଉନ୍ନତି ପାଇଁ ଆଲୋଚନା


ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

କବାଟବନ୍ଧ,୯।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତର ଭୁବନପୁର ଗ୍ରାମରେ ଚାଲିଥିବା ମା'କାଳିଆଶୁଣି ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ପ୍ରହଲ୍ଲାଦ ଲେଙ୍କା, ମଧୁପୁରଗଡ଼ ପଞ୍ଚାୟତ ବିଜେଡି ନେତା ଜଗଦୀଶ ଜେନାମଣି, ଦେବବ୍ରତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା'ଙ୍କ ପୀଠ ଦର୍ଶନ କରିଥିଲେ। ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମା'ଙ୍କ ପୀଠର ସର୍ବାଙ୍ଗୀନ ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା।

# ମୋତିଆବିନ୍ଦୁ ଚିହ୍ନଟ ଶିବିର



ରସୁଲପୁର,୯।୪ (ଡି.ଏନ.ଏ.): କଳିଙ୍ଗ ଯୁବ ସଂଘ ଓ ଫ୍ରେଣ୍ଡ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ଏକ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁଶ୍ରୁଷା ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ରସୁଲପୁର ବ୍ଲକ୍ ଅଧୀନ ଅତଲାପୁର ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ୩୦ଜଣ ରୋଗୀଙ୍କ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୯ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ପ୍ରତାପ ବେହେରା, ସୁରେଶ ସାହୁ, ତପନ ସାହୁ, ଦୁର୍ଗାଚରଣ ସାହୁ, ଅରୁଣ ମହାରଣା, ଦେବଦତ୍ତ ରାଉତ, ମନୋଜ ସାହୁ, ପ୍ରବୀଣ ସାହୁ, କିଶୋର ରଣା, ନିହାର ରଞ୍ଜନ ଆଚାର୍ଯ୍ୟ ଓ ଶିଶିର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜକଙ୍କୁ ବିପଦର ବନ୍ଧୁ ସାମାଜିକ ଆନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# କପିଳାରୁ ନାଉବାଙ୍କ ନିର୍ମାଣ ହେବ ନୂତନ ରାସ୍ତା


ଅଧିକାରୀମାନଙ୍କ ସହ ମନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ ପ୍ରମିଳା ମଲ୍ଲିକ**

ବିଞ୍ଝାରପୁର,୯।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକର କପିଳା ପଞ୍ଚାୟତ ହାଇସ୍କୁଲ୍‌ଠାରୁ ଟିଣା ପଞ୍ଚାୟତ ଦେଇ ନାଉବାଙ୍କ ପର୍ଯ୍ୟନ୍ତ ଦୀର୍ଘ ୬ କି.ମି.ରୁ ଊର୍ଦ୍ଧ୍ୱ ଏକ ନୂତନ ଆରଡି ରାସ୍ତା ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ ରବିବାର ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ବିଭାଗୀୟ ଅଧିକାରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ମଲ୍ଲିକ ପୂର୍ବାହ୍ନରେ ଟିଣାରେ ପହଞ୍ଚିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ତାଙ୍କୁ ସ୍ୱାଗତ କରିବା ସହିତ କ୍ଷେତ୍ର ପରିଦର୍ଶନ କରାଇଥିଲେ। ମନ୍ତ୍ରୀଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ କପିଳା ସରପଞ୍ଚ ଦେବଦତ୍ତ ସେଠୀ, ଯୁବ ସାମାଜିକ କର୍ମୀ କୈଳାସ ସେଠୀଙ୍କ ସମେତ ଟିଣା ଓ କପିଳା ଅଞ୍ଚଳର ଅନେକ ଚାଷୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ରାସ୍ତା ନିର୍ମାଣ ହେଲେ କପିଳା, ମାଁସଡ଼ା, ଫତେପୁର, ଟିଣା, ବାଛୋଳ ହଳଦୀଢ଼ିହ ଆଦି ପଞ୍ଚାୟତର ହଜାରହଜାର ଲୋକ ଉପକୃତ ହେବେ। ମୁଖ୍ୟତଃ ଚାଷୀମାନେ ନିଜ ଜମିକୁ ଗମନା ଗମନ କ୍ଷେତ୍ରରେ ବିଶେଷ ଲାଭବାନ ହେବେ ବୋଲି ସୂଚନା ମିଳିଛି।

# ମା' ହିଙ୍ଗୁଳାଙ୍କୁ ଦର୍ଶନ କଲେ ମୋ କଲେଜ ଅଧ୍ୟକ୍ଷ

କୋରେଇ,୯।୪(ଡି.ଏନ.ଏ.): ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀରେ ଅନେକ ଗ୍ରାମରେ ମା' ହିଙ୍ଗୁଳା ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ଯଜ୍ଞଉତ୍ସବ ୫ ତାରିଖଠାରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଅନେକ ସ୍ଥାନରେ ୮ ତାରିଖ ଦିନ ମା'ଙ୍କ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏହି ପୂର୍ଣ୍ଣାହୁତି ଦିନ ଅମୃତିଆ ପଞ୍ଚାୟତ ଅମୃତିଆ ଗ୍ରାମର ମା' ହିଙ୍ଗୁଳା ଯଜ୍ଞ, ହଳଦୀଗଡିଆ ପଞ୍ଚାୟତ ଶାଳକଣା ଗ୍ରାମର ମା' ହିଙ୍ଗୁଳା ଯଜ୍ଞ, କାଚରାସାହି ପଞ୍ଚାୟତ ତାଳଗଡିଆ ଗ୍ରାମର ମା'ହିଙ୍ଗୁଳା ଯଜ୍ଞ, ଧନେଶ୍ୱର ପଞ୍ଚାୟତ ଆଲଡ଼ା ଜଳସରପୁର ଗ୍ରାମର ମା' ହିଙ୍ଗୁଳା ଯଜ୍ଞ, ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ମା' ହିଙ୍ଗୁଳା ଯଜ୍ଞ, ଖମଣ ପଞ୍ଚାୟତ ଶଙ୍ଖଚିଲାର ମା' ହିଙ୍ଗୁଳା ଯଜ୍ଞ ଓ ତଳଗଡ ପଞ୍ଚାୟତ ତଳଗଡ ଗ୍ରାମର ମା' ହିଙ୍ଗୁଳା ଯଜ୍ଞ ମଣ୍ଡପରେ ପହଞ୍ଚି ମା' ହିଙ୍ଗୁଳାଙ୍କୁ ଦର୍ଶନ କରିଥିଲେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ। ଏଥିସହିତ ମା'ଙ୍କ କୃପାରୁ ଅଞ୍ଚଳବାସୀଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିମୟ ହେଉ ବୋଲି ସେ ମା'ଙ୍କ ପାଖରେ ପ୍ରାର୍ଥନା କରିଥିଲେ।

# ଟାଟା ଷ୍ଟିଲରେ ବୃତ୍ତିଗତ ସୁରକ୍ଷା କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କଳିଙ୍ଗନଗର,୯।୪(ଡି.ଏନ.ଏ.): ବାଙ୍ଗାଲୁରୁ ବ୍ୟକ୍ତି ବିକାଶ କେନ୍ଦ୍ର ପକ୍ଷରୁ ୩ ଦିନ ବ୍ୟାପୀ ବୃତ୍ତିଗତ ସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା କଳିଙ୍ଗନଗର ଟାଟା ଷ୍ଟିଲ କମ୍ପାନୀସ୍ଥିତ ପ୍ରକଳ୍ପକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଫ୍ୟାକ୍ଟ୍ରି ଏବଂ ବଏଲରର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ଓ ବୃତ୍ତିଗତ ସୁରକ୍ଷା ଉପରେ ଥିବା ପ୍ରଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ପ୍ରୋଜେକ୍ଟ ଜେନେରାଲ ମ୍ୟାନେଜର ଅକ୍ଷୟ ଖୁଲାର, ପ୍ରୋଜେକ୍ଟ ସୁରକ୍ଷାର ମୁଖ୍ୟ ଅନିଲ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରର ସୁରକ୍ଷା ଅଧିକାରୀ ବୁଲେନ୍ଦ୍ର ନାୟକ କର୍ମଶାଳାକୁ ପରିଚାଳନା କରିଥିଲେ।

# କଂଗ୍ରେସ ପକ୍ଷରୁ ୧୭ରେ ଜିଲାପାଳ ଅଫିସ ଘେରାଉ

ଯାଜପୁର ଟାଉନ,୯।୪(ଡି.ଏନ.ଏ.): ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଗଣତନ୍ତ୍ର ଓ ସମ୍ବିଧାନ ବଞ୍ଚାଅ ପରିପ୍ରେକ୍ଷୀରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶ ଆସନ୍ତା ୧୭ ତାରିଖ ସୋମବାର ସକାଳ ୯ଟାରେ ହେବାକୁ ସ୍ଥିର କାରାଯାଇଛି। ସ୍ଥାନୀୟ କିଆନାଳୀକୂଳ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପଦର୍ଶନ କରାଯିବ। ଏନେଇ ଜିଲା କଂଗ୍ରସ କମିଟି ସଭାପତି ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ରବିବାର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବନ୍ଦିତା ପରିଡ଼ା, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଯୁବକଂଗ୍ରେସ ସଭାପତି ସନ୍ତୋଷ ବେହେରା, ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ ସାମଲ, କନକଲତା ମଲ୍ଲିକ, ଦେବେନ୍ଦ୍ର ପଣ୍ଡା, ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ପ୍ରଶାନ୍ତ ସାହୁ ଓ ବିଦ୍ୟାଧର ବାରିକ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଯାଜପୁର ବ୍ଲକ ସଭାପତି ଗଦାଧର ଦାସ, ଧର୍ମଶାଳା ବ୍ଲକର କିଷାନ ପଣ୍ଡା, ବରୀ ବ୍ଲକର ମନୋଜ ଦାସ, ଦଶରଥପୁର ବ୍ଲକର ଶ୍ୟାମସୁନ୍ଦର କର, ବିଞ୍ଝାରପୁର ବ୍ଲକର ପ୍ରଭୋଦ ଦାସ, ବଡ଼ଚଣା ବ୍ଲକର ଉପସଭାପତି ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ଥିଲେ। ଏହି ବିଶାଳ ସମାବେଶରେ ଯୋଗଦେବା ପାଇଁ ଜିଲା କଂଗ୍ରେସ ସଭାପତି ରାଉତ ଜିଲାର ସମସ୍ତ କର୍ମୀଙ୍କୁ ନିବେଦନ କରିଛନ୍ତି।



ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳି।

# ବିଶ୍ୱକଲ୍ୟାଣ ଲାଗି ସାହିତ୍ୟ ସୃଷ୍ଟି କରିବା ଉଚିତ

**ଚଳାପଥର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ**

ଯାଜପୁର ରୋଡ୍,୯।୪(ଡି.ଏନ.ଏ.): ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ ପକ୍ଷରୁ ରବିବାର ଯାଜପୁର ରୋଡ୍ ସେଲିବ୍ରେସନ ହଲରେ ସାହିତ୍ୟ ଅନୁଷ୍ଠାନ ଚଳାପଥର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହିତ ସାରସ୍ୱତ ସ୍ରଷ୍ଟାମାନେ ବିଶ୍ୱକଲ୍ୟାଣ ଲାଗି ସାହିତ୍ୟ ସୃଷ୍ଟି କରିବା ଉଚିତ ବୋଲି କହିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି, ପାରାଦୀପର ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର, ବରିଷ୍ଠ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଯାଜପୁର ଜିଲା ଲେଖକ ସମ୍ମିଳନୀ ସଭାପତି ରୁଦ୍ର ନାରାୟଣ ପୃଷ୍ଟି, ସାମାଜିକ କର୍ମୀ ଡା. ହେମନ୍ତ କିଶୋର ସାହୁ, ଚଳାପଥ ରାଜ୍ୟ ଲେଖକ ସମ୍ମିଳନୀ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ପୂର୍ବାଞ୍ଚଳ ଚଳାପଥ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଅଧ୍ୟକ୍ଷ ଭୁବନ ମୋହନ ମହାନ୍ତି ଓ ଉପାଧ୍ୟକ୍ଷ ବିଶ୍ୱଜିତ ଦାସସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

କବି ସମ୍ମିଳନୀରେ ସାମ୍ବାଦିକ ଅଭୟ କୁମାର ପତି, ରାଜୀବ କୁମାର ଷଡ଼ଙ୍ଗୀ, ସୂଚନା ପାଢ଼ୀ ଓ ପ୍ରିୟଦର୍ଶିନୀ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ କବି ଉପସ୍ଥିତ ରହି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଉତ୍ସବରେ ଅଧ୍ୟାପକ ପଦ୍ମନାଭ ମଲ୍ଲ, ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲ, ଅଭୟ ପତି, ସଂଗ୍ରାମ ସିଂ, ଶିକ୍ଷାବିତ ମୃତ୍ୟୁଞ୍ଜୟ ସିଂହ, ଇଂ. ମନୋଜ ମାଝି, ସାମାଜିକ କର୍ମୀ ମଦନ ମୋହନ ନାୟକ, ବଟକୃଷ୍ଣ ମହାରଣା, ସାମ୍ବାଦିକ ସୁଜିତ ମଲିକ, ଶିକ୍ଷକ ବାମନଚରଣ ପୋଥାଳ, ସାମ୍ବାଦିକ ଉଦୟ ନାଥ ଖଣ୍ଡେଇ, ସାମ୍ବାଦିକ ଚିନ୍ତାମଣୀ ପାଢ଼ୀ, ଅଧ୍ୟାପିକା ଗୀତାଶ୍ରୀ ପ୍ରୀୟମ୍ବଦା, ଶିକ୍ଷକ ରଘୁନାଥ ବେହେରା, ସାମ୍ବାଦିକ ନିତ୍ୟାନନ୍ଦ ମହାଳିକ, କବି ପ୍ରଭାତି ରାଉତ, ସାହିତ୍ୟିକ ଗୌରାଙ୍ଗ ଶତପଥୀ, କବି ଯୁଗପ୍ରଭା ସାବତ, ଶିଶୁ ସାହିତ୍ୟିକା ବ୍ରଜେଶ୍ୱରୀ ସିଂହ, ହାସ୍ୟକବି ବାଇଧର ମାଝି, ପରିବେଶବିତ୍ତ ପ୍ରଣତୀ ପ୍ରୀତିନନ୍ଦା ନାୟକ, କବି ଦୟାନିଧି ନାୟକ, କବି ମଧୁସୂଦନ ମହାପାତ୍ର, ଅଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ର ପ୍ରମୁଖଙ୍କୁ ଚଳାପଥ ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ଯାମିନୀ ଦେବଦର୍ଶନୀ ନାୟକ, ସୀମା ମିଶ୍ର, ଅକ୍ଷୟ କୁମାର ବାରିକ ଓ ମହେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୋରକୂଳ ନାଳ ନବୀକରଣ ଶିଳାନ୍ୟାସ
**୩.୩୨ କୋଟି ଟଙ୍କାର ବ୍ୟୟ ମଞ୍ଜୁର**

**ଜଗତ୍‌ସିଂହପୁର ଅଫିସ, ୯।୪:** ଜଗତସିଂହପୁର ବ୍ଲକ ଆଲିପିଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ଯୋରକୂଳସ୍ଥିତ ନାଳର ନବୀକରଣ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ଏନେଇ ସରକାରଙ୍କ ପକ୍ଷରୁ ୩ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରବିବାର ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ପୂର୍ବରୁ ପ୍ରଶାନ୍ତଙ୍କୁ ଦଳୀୟ ନେତା ଓ କର୍ମୀମାନେ ଆଲିପିଙ୍ଗଳ ବଜାର ନିକଟରୁ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ନେଇ ଯାଇଥିଲେ। ଏହି ଅବସରରେ ପ୍ରଶାନ୍ତ ଏକ ଅଙ୍ଗନୱାଡି କେନ୍ଦ୍ରର ମଧ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବ୍ଲକ ଉପାଧକ୍ଷା ରତି ରଞ୍ଜନ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ସରପଞ୍ଚ ରୋଜାଲିନ ଦାସ, ସମିତି ସଭ୍ୟ ରାଜୀବ ବେହେରା, ସନ୍ତୋଷ କୁମାର ପରିଜା, ଆର୍ତ୍ତବନ୍ଧୁ ବେହେରା, ସୁଶାନ୍ତ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

### ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା

**ପାରାଦୀପ,୯।୪(ସ୍ୱ.ପ୍ର.):** ପାରାଦୀପ ବଡ଼ପଡିଆସ୍ଥିତ ଜୟଦେବ ଭବନରେ ରବିବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତରେ ଜିଲାର ୫୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଅଂଶଗ୍ରହଣ କରି ସେମାନଙ୍କ ସୁଗଠିତ ଶରୀର ପ୍ରଦର୍ଶନ କରିଥିଲେ। ଏହାକୁ ବନ୍ଦର ସଚିବ ପି.ଏନ. ବେହେରା ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

### ହାଜିପୁର ଦୁଦୁରାମ ପାଟଣାରେ ଘୋଡ଼ାନାଚ ମେଳଣ

**ବିରିଡି, ୯।୪ (ଡି.ଏନ.ଏ.):** ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ଦୁଦୁରାମ ପାଟଣାରେ କୈବର୍ତ୍ତମାନଙ୍କର ମା' ସିଦ୍ଧବାସେଲୀ ସଂଘ ପକ୍ଷରୁ ଘୋଡ଼ାନାଚ ମେଳଣ ଅନୁଷ୍ଠିତ ହୋଇଯାଇଛି। ୯ଟି କୈବର୍ତ୍ତ ସାହିରୁ ମା'ବାସୁଲୀଙ୍କ ଘୋଡ଼ା ମୁଣ୍ଡ ତିଆରି ପ୍ରତିମୂର୍ତ୍ତି ଅଣାଯାଇ ହାଜିପୁର ବଜାରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ତାହାକୁ ମେଳଣ ସ୍ଥଳକୁ ଅଣାଯାଇଥିଲା। ଏହି ମେଳଣରେ ତିର୍ତ୍ତୋଲର ଉଲେଇପଡା, ବିରିତୋଳ, ହରିସିଂପୁର, ମୂଳିସିଂ, ତେନ୍ତୁଳିପଦା, କଟକର କୋରକରା, ଶଙ୍ଖାରିସାହି ଓ ହାଜିପୁର ଗ୍ରାମର କୈବର୍ତ୍ତମାନେ ସାମିଲ ହୋଇଥିଲେ। ସେଠାରେ ଗାୟକ ମନୋମୋହନ ସାମଲ ତାଙ୍କ ସାଥୀମାନଙ୍କ ସହ ଘୋଡାନାଚ ପରିବେଷଣ କରିଥିଲେ। ହାଜିପୁର କୈବର୍ତ୍ତ ସାହିର ଶତ୍ରୁଘ୍ନ ବେହେରା, ବଂଶୀଧର ବେହେରା, ଫକୀର ବେହେରା, ନିରଞ୍ଜନ ବେହେରା, ନାଥ ବେହେରା, ହୃଷୀକେଶ ବେହେରା ଓ ବସନ୍ତ ବେହେରା ପ୍ରମୁଖ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଜଗତ୍‌ସିଂହପୁର ଆସନକୁ ନେଇ ଚିନ୍ତାରେ ବିଜେଡି

- ୪ ବର୍ଷ ପରେ ବି ତୁଟୁନି ଅଡୁଆ
- ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ସମାଧାନ କରିଥିଲେ

**ଜଗତ୍‌ସିଂହପୁର ଅଫିସ, ୯।୪**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିରେ ବିବାଦ ମୁଣ୍ଡ ଟେକିଥିଲା। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଥିବାରୁ ପୁନର୍ବାର ଏହି ଆସନକୁ ନେଇ ଦଳରେ ଗୋଷ୍ଠୀ ବିବାଦ ଉପୁଜିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

ଗତ ନିର୍ବାଚନରେ ଏକାଧିକ ବାର ବିଧାୟକ ହୋଇଥିବା ସ୍ୱର୍ଗତ ବିଷ୍ଣୁ ଚରଣ ଦାସ ଏହି ଆସନରୁ ପ୍ରାର୍ଥୀ ହେବାକୁ ମନା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ସ୍ୱର୍ଗତ ଦାସଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଅମରେନ୍ଦ୍ର ଦାସ ପ୍ରାର୍ଥୀ ଦୌଡରେ ଥିଲେ। କିନ୍ତୁ ସ୍ୱର୍ଗତ ଦାସ ଅନ୍ୟ ଜଣଙ୍କୁ ଚାହୁଁଥିବା ଆଲୋଚନା ହୋଇଥିଲା। ଏହା ପରେ ବିଷ୍ଣୁଙ୍କ ସହ ଅମରେନ୍ଦ୍ରଙ୍କ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଉକ୍ତ ନିର୍ବାଚନରେ ବିଷ୍ଣୁଙ୍କୁ ତିର୍ତ୍ତୋଲ ଓ ବାଲିକୁଦା-ଏରସମା ନେତା ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ହଠାତ୍ ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀଭାବେ ଘୋଷଣା କରିଥିଲା। ଏହାପରେ ଦଳୀୟ ବିବାଦ ଘନେଇଥିଲା। ଅମରେନ୍ଦ୍ରଙ୍କ ସମର୍ଥକମାନେ ପ୍ରଶାନ୍ତଙ୍କୁ ବିରୋଧ କରି ଜଗତ୍‌ସିଂହପୁରରେ ପୋଡାଜଳାଠାରୁ ଆରମ୍ଭ କରି ଲଗାତର ଶୋଭାଯାତ୍ରା କରି ପ୍ରତିବାଦ କରିଥିଲେ। ଏପରିକି ନବୀନ ନିବାସ ସମ୍ମୁଖରେ ଅମରେନ୍ଦ୍ରଙ୍କ ସମର୍ଥକମାନେ ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ଘଟଣା ୪ ବର୍ଷ ପୂର୍ବେ ଅର୍ଥାତ୍ ୭ ଏପ୍ରିଲ ୨୦୧୯ରେ ହୋଇଥିଲା। ସେତେବେଳେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅମରେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ, ଦଳ ପାଇଁ ତ୍ୟାଗ ନିରର୍ଥକ ଯିବନାହିଁ। ତେଣୁ ଏବେ ଦଳ ପାଇଁ ନିରବଚ୍ଛିନ୍ନ ଭାବେ କାମ କରିଚାଲ। ଦଳୀୟ ଏମ୍‌ପି ପ୍ରାର୍ଥୀଙ୍କ ସମେତ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାମ କର ବୋଲି ପରାମର୍ଶ ଦେଇଥିଲେ। ଏହାପରେ ଅମରେନ୍ଦ୍ର ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିରେ ସେ ସନ୍ତୁଷ୍ଟ। ହେଲେ ଜଗତ୍‌ସିଂହପୁରରେ ପ୍ରଶାନ୍ତଙ୍କ ସହ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେବେନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛନ୍ତି ସେ ତାହା ମାନି କାମ କରିବେ ବୋଲି କହିଥିଲେ। ସେତେବେଳେ ଏହି ବିବାଦ ପ୍ରଶମିତ ହୋଇଥିଲା। ଜିଲାର ସମସ୍ତ ଆସନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ଅମରେନ୍ଦ୍ରଙ୍କୁ ଦଳର ଜିଲା ସଭାପତି ଓ ପରେ କାଜୁ ନିଗମ ଅଧ୍ୟକ୍ଷ ପଦ ଦାୟିତ୍ୱ ଦିଆଯାଇଥିଲା। ଏସବୁରେ ଅମରେନ୍ଦ୍ର ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। ପ୍ରଶାନ୍ତ ମଧ୍ୟ ଖୁବ୍ କମ୍‌ଦିନ ଭିତରେ ନିଜର ରାଜନୈତିକ ବିଚକ୍ଷଣତା ବଳରେ କଂଗ୍ରେସର ହେଭିୱେଟ୍ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ହରାଇଥିବାରୁ ଦଳରେ ନିଜର ପତିଆରା ଦେଖାଇ ପାରିଥିଲେ। ପରବର୍ତ୍ତୀ ସମୟରେ ଅମରେନ୍ଦ୍ରଙ୍କ ହାତରୁ ଦଳ ଜିଲା ସଭାପତି ଓ ନିଗମ ଅଧ୍ୟକ୍ଷ ପଦ ପର୍ଯ୍ୟାୟକ୍ରମେ ଚାଲିଯାଇଥିଲା। ଏବେ ଅମରେନ୍ଦ୍ରଙ୍କ ପାଖରେ ଜଗତ୍‌ସିଂହପୁରରେ କୌଣସି ଦଳୀୟ କ୍ଷମତା ନ ଥିବା ବେଳେ ପ୍ରଶାନ୍ତଙ୍କ ଶକ୍ତି ବଢ଼ିଛି। ତାଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକ ଭଳି ମର୍ଯ୍ୟାଦାଜନକ ପଦବୀ ମିଳିଛି। ଏଥିରୁ ସ୍ପଷ୍ଟ ହେଉଛି ଅମରେନ୍ଦ୍ରଙ୍କଠାରୁ ପ୍ରଶାନ୍ତ ଦଳରେ ଭାରି ରହିଛନ୍ତି। ଅମରେନ୍ଦ୍ର ଏହା ଭିତରେ ବନ୍ଧୁମିଳନ ନାମରେ ସମାନ୍ତରାଳଭାବେ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। ଅପରପକ୍ଷେ ହିନ୍ଦୁସ୍ତାନ ସ୍ପୋର୍ଟିଂ ପକ୍ଷରୁ ଜାତୀୟସ୍ତର କ୍ରିକେଟ ଟୁର୍ନାମେଣ୍ଟ ଆନେକ୍ସ କପ୍ ଆୟୋଜନରେ କିଛି ବର୍ଷ ବାଧା ସୃଷ୍ଟି ହୋଇଥିଲା। ଏହା ପଛରେ ଏହି ଗୋଷ୍ଠୀ ବିବାଦ ମୁଖ୍ୟ କାରଣ ବୋଲି କୁହାଯାଇଥିଲା। ଅମରେନ୍ଦ୍ର ହିନ୍ଦୁସ୍ତାନ ସ୍ପୋର୍ଟିଂର ଉପଦେଷ୍ଟା ଥିବାରୁ ସେ ନିରାଶ ଅନୁଭବ କରିଥିଲେ। କିନ୍ତୁ ଚଳିତବର୍ଷ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଆନେକ୍ସ କପ୍‌ପାଇଁ ଅନୁମତି ମିଳିବାରୁ ଅମରେନ୍ଦ୍ର ଏକପ୍ରକାର ଆଶ୍ୱସ୍ତିଅନୁଭବ କରିଛନ୍ତି। କିନ୍ତୁ ଏହିଆସନକୁ ନେଇ ପ୍ରଶାନ୍ତ ଓ ଅମରେନ୍ଦ୍ରଙ୍କ ମଧ୍ୟରେ ବିବାଦ କ୍ରମେ ଘନେଇବାରେ ଲାଗିଛି। ଏ ପରିସ୍ଥିତିରେ ଦଳ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ତାହା ସମୟ କହିବ।



ପାରାଦୀପ ବଡ଼ପଡିଆସ୍ଥିତ ଜୟଦେବ ଭବନରେ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀମାନେ।

# ୩. ୫୦ ଲକ୍ଷ ଦାନ କଲେ ପୁରାତନ ଛାତ୍ରୀଛାତ୍ର

**ଜଗତ୍‌ସିଂହପୁର ଅଫିସ, ୯।୪**

ଜଗତ୍‌ସିଂହପୁର ଜିଲାର ସର୍ବ ପୁରାତନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଏକ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ୧୯୭୭-୧୯୮୧ ବ୍ୟାଚର ପୁରାତନ ଛାତ୍ର ସଂଘ ପକ୍ଷରୁ ସମ୍ପାଦକ ତଥା ଭୁବନେଶ୍ୱରସ୍ଥିତ ଆଇଆଇଟିର ପ୍ରତିଷ୍ଠାତା କୁଳସଚିବ ଓ ଜାତୀୟ କୌଶଳ ତାଲିମ ସଂସ୍ଥାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ବଟକୃଷ୍ଣ ରାୟ ଯୋଗଦେଇ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ପାତ୍ର ଓ ମୋ ସ୍କୁଲ ଅଭିଯାନର ସମ୍ପାଦକ ପ୍ରଫେସର ପ୍ରଶାନ୍ତ କୁମାର ବେହେରାଙ୍କୁ ୩,୦୩,୩୩୩ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ରାୟ କହିଥିଲେ,ଏହି ରାଶି ମହାବିଦ୍ୟାଳୟ ପରିସର ଶ୍ରୀପତି ଲାଇବ୍ରେରୀର ଉନ୍ନତୀକରଣରେ ବେଶ୍ ସହାୟକ ହୋଇପାରିବ। ଏହି ରାଶିରୁ ୧ ଲକ୍ଷ ଟଙ୍କା ଆମେରିକାରେ ଅବସ୍ଥାପିତ ଫର୍ଚ୍ଚୁନ କମ୍ପାନୀର ମୁଖ୍ୟ ହନିୱେନ୍ ତଥା ମହାବିଦ୍ୟାଳୟ ପୁରାତନ ଛାତ୍ର ରବୀନ୍ଦ୍ର କୁମାର ଗାହାଣ ଦାନ କରିଛନ୍ତି। ଏଥିସହ ମହାବିଦ୍ୟାଳୟର ବିକାଶ ପାଇଁ ଆହୂତ ଅନେକ ପ୍ରଗତିଶୀଳ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ସବରେ ସଂଘ କୋଷାଧକ୍ଷ ଚତୁର୍ଭୁଜ ପ୍ରଧାନ ଉପସ୍ଥିତ ରହି ଅନ୍ୟାନ୍ୟ ପୁରାତନ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ପାଦକ ରାୟଙ୍କ ମାଧ୍ୟମରେ ଶୁଭେଚ୍ଛାବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟ ବ୍ୟାଚ୍‌ର ପୁରାତନ ଛାତ୍ର ତଥା ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ମଧ୍ୟ ମୋ କଲେଜ ଅଭିଯାନ ପାଇଁ ୫୦ ହଜାର ଟଙ୍କା ଦାନ କରିଥିଲେ। ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇଥିଲେ। ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ତଥା ଏକାଡେମିକ ବର୍ସାର ଡ. ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ପୁରାତନ ଛାତ୍ର ସଂଘ ପକ୍ଷରୁ କଲେଜ ଅଧକ୍ଷଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ଶିକ୍ଷା ହେଉଛି ଜୀବନର ମୌଳିକ ଅଧିକାର
**ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ**

**ବିରିଡି,୯।୪(ଡି.ଏନ୍.ଏ.)**

ଶିକ୍ଷା ହେଉଛି ଜୀବନର ମୌଳିକ ଅଧିକାର। ଶିକ୍ଷା ଆହରଣ ନ କଲେ ସମାଜ ଆଗକୁ ଗତିଶୀଳ ହୋଇପାରିବ ନାହିଁ । ଶିକ୍ଷା ଯୋଗୁ ମଣିଷ ଆଜି ଚନ୍ଦ୍ରମଣ୍ଡଳକୁ ଯିବା ସହ ଅନ୍ୟାନ୍ୟ ଗ୍ରହର ମଧ ସନ୍ଧାନ କରିପାରିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଶିକ୍ଷା ଆହରଣ କରି ନିଜର ବ୍ୟକ୍ତିଗତ ଜୀବନ ତଥା ସମାଜର ବିକାଶରେ ସାମିଲ ହୁଅନ୍ତୁ ବୋଲି ଶନିବାର ରାତିରେ ବିରିଡି ବ୍ଲକ କମଳପୁର ମଇଁଦିପୁର ସେଣ୍ଟ ଜାଭିୟର ହାଇସ୍କୁଲର ୭ମ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଡା. ଶ୍ରୀକୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ହିମାଂଶୁ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦୀପ୍ତିମୟୀ ରାୟ, ସରପଞ୍ଚ ଯୁଧିଷ୍ଠିର ବେହେରା, ସୋମନାଥ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ତଥା ସେଣ୍ଟ ଜାଭିୟର ହାଇସ୍କୁଲ ଅଧକ୍ଷ କବିରାଜ ବିଭୂତି ଭୂଷଣ ଦାଶ, ଟ୍ରଷ୍ଟି ସଭ୍ୟ ଡା. ସୁକୁମାର ଦାଶ ଯୋଗଦେଇଥିଲେ। ଅଧାପକ ମନୋଜ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ଅବିନାଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଡ. ଶୁଭ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ କଂଗ୍ରେସର ଅଭିଯୋଗ



**ପାରାଦୀପ,୯।୪(ସ୍ୱ.ପ୍ର.)**

ପାରାଦୀପର ଅଠରବାଙ୍କି ବାଲିପ୍ଲଟରେ ଥିବା କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତି ଘର ଉପରେ ଥିବା ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ରବିବାର ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଆଦର୍ଶଥାନାରେ ଅଭିଯୋଗ କରାଯାଇଛି। କଂଗ୍ରେସର ନଗର ସଭାପତି ଅନୁପ ସାହାଣୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପାରାଦୀପ ବନ୍ଦର ପ୍ରତିଷ୍ଠାତା ହେଲେ ପଣ୍ଡିତ ଜବାହରଲାଲ ନେହେରୁ, ବିଜୁ ପଟ୍ଟନାୟକ ଓ ନାରାୟଣ ବୀରବର ସାମନ୍ତ। ସେହି ୩ ଜଣଙ୍କ ପ୍ରତିମୂର୍ତ୍ତି କୈବର୍ତ୍ତ ସମାଜ ପକ୍ଷରୁ ଉକ୍ତ ଘର ଛାତ ଉପରେ ୨୦୦୩ରେ ପ୍ରତିଷ୍ଠା କରାଯାଇଥିଲା। ଏବେ ତାହା ଭଙ୍ଗା ଯାଇଥିବାରୁ ଜନସାଧାରଣଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଲୋକଙ୍କ ଭାବାବେଗ ସେଥିରେ ଜଡ଼ିତ ଥିବାରୁ ଏହି ଘଟଣାର ତଦନ୍ତ ଜରୁରୀ। ସୂଚନାଯୋଗ୍ୟ, ଗତ ଶନିବାର ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ପାରାଦୀପ ଆଦର୍ଶଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣା ଏବେ ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି।

# 'ଶିକ୍ଷା, ନିଯୁକ୍ତିରେ ୨୭% ସଂରକ୍ଷଣ ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାର'



ଜନଜାଗରଣ ଯାତ୍ରାରେ ସାମିଲ ହୋଇଥିବ ଭାଜପାର କର୍ମକର୍ତ୍ତମାନେ।

**କୁଜଙ୍ଗ,୯।୪ (ଡି.ଏନ୍.ଏ.)**

ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାର ପାଇଁ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଜନଜାଗରଣ ଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଶନିବାର କୁଜଙ୍ଗ ବ୍ଲକର ଫତେପୁର, ପଙ୍କପାଳ, ପୋତାନଈ, ପାଟପୁର ଓ ବାଲିଆ ପଞ୍ଚାୟତ ପରିକ୍ରମା କରାଯାଇଛି। ଏହି ଅବସରରେ ଭାଜପା ନେତା ସମ୍ପଦ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଶିକ୍ଷା ଓ ନିଯୁକ୍ତିରେ ୨୭% ସଂରକ୍ଷଣ ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାର ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ର ସରକାର ପଛୁଆବର୍ଗଙ୍କୁ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଓବିସି କମିଶନ ଗଠନ କରଛନ୍ତି। ତଦନୁସାରେ ପ୍ରତ୍ୟେକ ରାଜ୍ୟ ସରକାର ଓବିସି କମିଶନରଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି। ଓବିସି କମିଶନଙ୍କୁ ସାମ୍ବିଧାନିକ ମର୍ଯ୍ୟାଦା ଦେଇ କମିଶନଙ୍କ କାର୍ଯ୍ୟ ପରିସରକୁ ପରିବ୍ୟାପ୍ତ ଓ ମଜଭୁତ୍ କରାଯାଇଛି। ଅପରପକ୍ଷେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଓବିସି ବିରୋଧୀ। ରାଜ୍ୟରେ ୫୪% ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ଆଦୌ ସଂରକ୍ଷଣ ଦିଆଯାଉ ନାହିଁ। ନିଯୁକ୍ତି କ୍ଷେତ୍ରରେ ୫୦% ବାହାନା ଦେଖାଇ ୧୧.୨୫% ସଂରକ୍ଷଣ ଦେଇଛନ୍ତି ବୋଲି କୁହାଯାଉଛି ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ। ଆତ୍ମନିଯୁକ୍ତି, ସ୍ୱରୋଜଗାର ଓ କୌଶଳ ବିକାଶ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ଓବିସି ଡେଭଲପମେଣ୍ଟ ଆଣ୍ଡ୍ ଫାଇନାନ୍ସ କର୍ପୋରେଶନ ରାଜ୍ୟରେ ଦୁଇ ଦଶନ୍ଧି ହେଲା ଅଚଳ ହୋଇପଡ଼ିଛି ବୋଲି ସମ୍ପଦ ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ମଧରେ ଏହି ଜନଜାଗରଣ ଯାତ୍ରା କାର୍ଯ୍ୟକ୍ରମରେ ଦଳର ଜିଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ଜିଲା ଉପସଭାପତି ଅରକ୍ଷିତ ଦାସ, ନିରଞ୍ଜନ ପାତ୍ର, ମଣ୍ଡଳ ସଭାପତି ପ୍ରଦୀପ୍ତ ମହାପାତ୍ର,ରାଜେନ୍ଦ୍ର ନାରାୟଣ ଦାସ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବମୋର୍ଚ୍ଚା ସଂଯୋଜକ ଅକ୍ଷୟ ଦାସ, ଅଭିଷେକ ସ୍ୱାଇଁ ଚୈତନ୍ୟ ଖଟୁଆ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କ୍ରାପର୍ସ ଇଲେଭେନ ଚାମ୍ପିୟନ

**ରାଜକନିକା,୯।୪ (ଡି.ଏନ.ଏ,)**

**କନିକା ପ୍ରିମିୟର ଲିଗ୍**

କନିକା ୟୁଥ କ୍ଲବ ରାଜକନିକା ପକ୍ଷରୁ ଚାଲିଥିବା ପ୍ରଥମ କନିକା ପ୍ରିମିୟର ଲିଗ ଭିଭୋ କପ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍କ୍ରାପର୍ସ ଇଲେଭେନ ଆରତି ୱାରିୟରକୁ ୨ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି। ଆରତୀ ୱାରିୟର ପ୍ରଥମେ ବ୍ୟାଟିଂ କରି ୭୭ ରନ କରିଥିଲା। ଜବାବରେ ସ୍କ୍ରାପର୍ସ ଇଲେଭେନ ୮ ଉଇକେଟ ହରାଇ ୭୮ ରନ କରି ବିଜୟ ଲାଭ କରିଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଡା. ଆଶିଷ କୁମାର ବାରିକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ବେହେରା ଓ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସାମାଜିକ କର୍ମୀ ରମେଶ ଦାସ,ୟ, ପବିତ୍ର ରାଉତ, ପ୍ରୀତମ ସାହୁ, ପ୍ରଦୀପ୍ ରାଉତ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ ସ୍କ୍ରାପର୍ସ ଇଲେଭେନକୁ ଟ୍ରଫି ସହ ୩୫ ହଜାର ଟଙ୍କ ଓ ରନର୍ସ ଆରତି ୱାରିୟର ଟିମ୍‌କୁ ଟ୍ରଫି ସହ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଚାମ୍ପିୟନ ଟିମ୍‌ର ଦୀପକ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ କନିକା ୱାରିୟରର ଶେଖର ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ଘୋଷଣା ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଦିବସ ବେହେରା ଓ ମାନସ ବିଶ୍ୱାଳ ପରିଚାଳନା କରିଥିବାବେଳେ ସନ୍ଦୀପ୍ କୁମାର ଜେନା ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଫରୋଜ ଓ ଏ. ଜେ. କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ। କନିକା ୟୁଥ କ୍ଲବର ଶରତ ମଲ୍ଲିକ, ପ୍ରଭାସ ସେନାପତି, ଅଜୟ ଦାଶ, ପ୍ରକାଶ ସେନାପତି, ବିବେକାନନ୍ଦ ବେହେରା, ଲାଲ ଚାନ୍ଦ, ଏସ. କେ. ବେହେରା ଓ ବିଶ୍ୱଜିତ ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ସାହିତ୍ୟ ମଣିଷ ଭିତରେ ସମ୍ପର୍କକୁ ଯୋଡ଼ିବାର ମାଧ୍ୟମ

**ତିର୍ତ୍ତୋଲ,୯।୪ (ଡି.ଏନ.ଏ.)**

ସାହିତ୍ୟ ମଣିଷ ଭିତରେ ସମ୍ପର୍କକୁ ଯୋଡ଼ିବାର ପ୍ରଧାନ ମାଧ୍ୟମ। ପ୍ରତ୍ୟେକ ସାହିତ୍ୟିକ ମଣିଷ ଭିତରେ ମାନବିକତାକୁ ଉଦ୍ରେକ କରିବା ସହ ସମାଜର ହିତ ସାଧାନ କରିଥାଏ ବୋଲି ଶୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ପଞ୍ଚଦଶତମ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ ଅଧୀନ ସାଗବାରିଆସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ମା' ଶାନ୍ତିଲତା ରାଉତ ଓ ସରଳା କୁମାରୀ ଦାସ ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠାନର ଉପସଭାପତି ହେମନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବରେ ବିଶିଷ୍ଟ ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥିଭାବେ କିସ୍‌ର ବରିଷ୍ଠ ପ୍ରଶାସକ ଧିରଜ ଚଢ଼ା, ସାରସ୍ୱତ ସାଧିକା ସୁହାଗିନୀ ବେହେରା, ଆଇନଜୀବୀ ମଞ୍ଜୁଲତା ରାଉତ, ବରିଷ୍ଠ ଖବରଦାତା ସୁଶୀଲ କୁମାର ମହାନ୍ତି, ସାହିତ୍ୟିକ ହୃଷୀକେଶ ଜେନା ପ୍ରମୁଖ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପିକା ବନୋଜ ବାସିନୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କବି ବୈଦ୍ୟନାଥ ସାହୁ ଓ ସବିତା ନାୟକଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରୀତିପୌର୍ଣ୍ଣବାସୀର ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସୌଜନ୍ୟ ସମ୍ପାଦକ ଶ୍ୟାମସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଗ୍ରାମାଞ୍ଚଳରେ ସାରସ୍ୱତ ଅନୁଷ୍ଠାନର ଭୂମିକା ଶୀର୍ଷକ ଆଲୋଚନା ସହ ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ନାଗୁଚରଣ ଦେବତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କବି ତୁଳସୀ ଦାସ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଇ ଋତୁପର୍ଣ୍ଣା ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ, ଅନୁଷ୍ଠାନର ସଭାପତି ପ୍ରେମ ଚରଣ ରାଉତ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ କବି ତୁଳସୀ ଦାସଙ୍କ ସମେତ ସାରସ୍ୱତ ସାଧିକା ନିତମ୍ବିନୀ ସାମନ୍ତରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ କବି କୈଳାସ ଚନ୍ଦ୍ର ପ୍ରଧାନ, ଅଧାପିକା ରାଜଶ୍ରୀ ସ୍ୱାଇଁ, ବିନୋଦ ବିହାରୀ ମୁଦୁଲି, ମହେଶ୍ୱର ସ୍ୱାଇଁ, ଶିବପ୍ରସାଦ ସାହୁ, ଦେବାଶିଷ ଜେନା, ପ୍ରକାଶ ଚନ୍ଦ୍ର ସ୍ୱାଇଁ , ଯଯାତି କେଶରୀ ସାମନ୍ତରାୟ, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବଟଶ୍ରୀ ସମ୍ପାଦିକା ବିଭୁଷିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ପତ୍ରିକା ଉନ୍ମୋଚନ ଅବସରରେ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ସରିଲା ସିମନବାଡ଼ି ପଞ୍ଚୁଦଣ୍ଡ ମିଳନ

**ଦାରିଙ୍ଗବାଡ଼ି,୯।୪(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିଠାରେ ଶନିବାର ପଞ୍ଚୁଦଣ୍ଡ ମିଳନ ଶାନ୍ତି ପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଶନିବାର ସକାଳ ୧୦ ସୁଦ୍ଧା ସମସ୍ତ ପାଞ୍ଚ ଟି ଦଣ୍ଡ ଦଳଙ୍କୁ ବରଣ ପୂଜା କରାଯାଇଥିଲା ପରେ ଦଣ୍ଡୁଆମାନେ ବିରାଟ ପଟୁଆରରେ ସମସ୍ତ ମନ୍ଦିର ପରିକ୍ରମା କରି ପାଟଖଣ୍ଡା ପରିସରରେ ପହଞ୍ଚିଥିଲେ। ଅପରାହ୍ନରେ ପୁଣି ଶୋଭାଯାତ୍ରାରେ ଆସି ସିମନବାଡ଼ି ବଜାରରେ ପହଞ୍ଚି ପାରମ୍ପରିକ ଧୂଳିଦଣ୍ଡ କରିଥିଲେ। ଧୂଳିଦଣ୍ଡ ସାରି ଜଳଦଣ୍ଡକୁ ଯାଇଥିଲେ ସେଠାରେ ଜଳଦଣ୍ଡ ସାରି ସିଧା ବଜାରରେ ପହଞ୍ଚି ଦଣ୍ଡ ମିଳନ କାର୍ଯ୍ୟକ୍ରମ କରିଥିଲେ। ଦଣ୍ଡ ମିଳନରେ ଦାରିଙ୍ଗବାଡ଼ି ବ୍ଲକ ସମେତ ବିଭିନ୍ନ ବ୍ଲକର ଶ୍ରଦ୍ଧାଳୁ ପହଞ୍ଚି ଏହି ଦଣ୍ଡ ମିଳନ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ବିଡିଓ ଗଦାଧର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

### ବହୁମୁଖୀ ସମାଜ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

**ଖଲ୍ଲିକୋଟ,୯।୪(ଡି.ଏନ.ଏ.):** ଖଲ୍ଲିକୋଟ ସହର ନିକଟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନନ୍ୟ ଉତ୍କଳ ବହୁମୁଖୀ ସମାଜ ସଂସ୍କୃତି ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ସମ୍ମାନିତ ଅତିଥି, ବାଇକୋଳି ଫାଉଣ୍ଡେଶନର ସଭାପତି ଡ. ହରପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ରଥ, ଏମ୍‌ପି ପ୍ରତିନିଧି ରତ୍ନାକର ସାହୁ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ଉତ୍କଳ ଦିବସକୁ ସ୍ମରଣ କରି ବହୁ ସାହିତ୍ୟ ପ୍ରେମି, ବୁଦ୍ଧିଜୀବୀ ଓଡ଼ିଆ ଭାଷା ସାହିତ୍ୟ, ଓଡ଼ିଶାର ଇତିହାସ ବିଷୟରେ ମତବ୍ୟକ୍ତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଅନନ୍ୟ ଉତ୍କଳ ସ୍ମରଣିକା ଲୋକାର୍ପଣ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ମିତାଞ୍ଜଳି ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

### କଲେଜ ଛାତ୍ରୀଙ୍କୁ କମେଣ୍ଟ, ଜଣେ ଗିରଫ

**ହିଞ୍ଜିଳିକାଟୁ ୯।୪(ଡି.ଏନ.ଏ):** ସୋରଡା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ପିଛାକରି ଅଶ୍ଳୀଳ ଇଙ୍ଗିତ ଓ କମେଣ୍ଟ ମାରିବା ଅଭିଯୋଗରେ ରବିବାର ହିଞ୍ଜିଳି ପୋଲିସ ଜଣେ ରୋଡ ରୋମିଓଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ହିଞ୍ଜିଳି ତାରାତାରିଣୀ ରୋଡର ଆକାଶ ଜେନା। ପୂର୍ବରୁ ଏହି ମାମଲାରେ ପିଣ୍ଟୁ ଗୌଡ଼ ଓ ଗାଙ୍ଗପୁର ଥାନା ନିମିନା ଅଞ୍ଚଳର ରାକେଶ ମହାପାତ୍ର ଗିରଫ ହୋଇଥିଲେ। ଗତ ଗୁରୁବାର ପୋଲିସ ଗିରଫ ଭୟରେ ଘଟଣାର ଅନ୍ୟ ଜଣେ ଅଭିଯୁକ୍ତ ହିଞ୍ଜିଳି କେନାଲ ସାହିର ଟିଣ୍ଟୁ ଦାଶ କୋର୍ଟରେ ଆତ୍ମସମର୍ପଣ କରିଥିବା ପୋଲିସ କହିଛି। ଗତ ମାସ ୨୯ରେ ହିଞ୍ଜିଳିକାଟୁ କଲେଜରେ ପଢୁଥିବା ସୋରଡା ଅଞ୍ଚଳର ଜଣେ ଛାତ୍ରୀଙ୍କୁ କଲେଜଠାରୁ ବସଷ୍ଟାଣ୍ଡ ଆସିବା ବେଳେ ୪ଜଣ ଯୁବକ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିବା ନେଇ ଛାତ୍ରୀ ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ.୧୯୬/୨୩ରେ ମାମଲା ରୁଜୁ କରି ପୋଲିସ ତନାଘନା ଚଲାଇ ପ୍ରଥମେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଅବ୍ୟବସ୍ଥାରେ କେରେଡାଙ୍ଗ ଉଚ୍ଚ ବିଦ୍ୟାଳୟ

## ନାହିଁ ପାନୀୟ ଜଳ, ଅଚଳ ଅବସ୍ଥାରେ ଶୌଚାଳୟ

**ନୂଆଗଡ଼,୯।୪**



କେରେଡାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ



ଶୌଚାଳୟ।

ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ମାନର ପାଠପଢ଼ା ସହିତ ଅନ୍ୟାନ୍ୟ ଜ୍ଞାନକୌଶଳର ଅଭିବୃଦ୍ଧି ପାଇଁ ବିଦ୍ୟାଳୟଗୁଡିକର ରୂପାନ୍ତରଣ କାର୍ଯ୍ୟ କରୁଛନ୍ତି। ଏଥିସହ ବିଭିନ୍ନ ଯୋଜନାମାନ ପ୍ରଣୟନ କରି ସରକାରୀ ବିଦ୍ୟାଳୟଗୁଡିକ ରୂପାନ୍ତରଣ କାର୍ଯ୍ୟ କରିବା ପାଇଁ ୫-ଟି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଆଦିବାସୀ ଉପାନ୍ତ ଅଞ୍ଚଳରେ ସରକାରୀ ବିଦ୍ୟାଳୟର ସଫଳ ରୂପାୟନ କରିବାଲାଗି ଉପଯୁକ୍ତ ଦେଖାରଖା ତଥା ଦୂରଦୃଷ୍ଟି ଅଭାବରୁ ଉନ୍ନତ ମାନର ଏବଂ ଠିକ ଭାବେ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ଗଜପତି ଜିଲା ନୂଆଗଡ଼ ବ୍ଲକ ଆଦିବାସୀ ଦୁର୍ଗମ କେରେଡାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ। ଅଚଳ ଅବସ୍ଥାରେ ଶୌଚାଳୟ ଥିବାବେଳେ ପାଣିର ବ୍ୟବସ୍ଥା ନାହିଁ। ବିଦ୍ୟାଳୟ ପରିସର ବାହାରେ ଥିବା ନଳକୂଅରୁ ମଟର ସଂଯୋଗ କରାଯାଇଛି ହେଲେ ସେଥିରୁ ମଧ୍ୟ ପାଣି ବାହାରୁ ନାହିଁ। ଛାତ୍ରୀଛାତ୍ର ବାହାରେ ଯାଇ ପରିସ୍ରା କରୁଥିବା ସହ ପିଇବା ପାଇଁ ପାଣି ମୁନ୍ଦେ ନ ଥିବା କହିଛନ୍ତି। ବିଦ୍ୟୁତର ଠିକ୍ ସଂଯୋଗ ହୋଇ ନ ଥିବାରୁ ଗ୍ରୀଷ୍ମ ଋତୁରେ ଫ୍ୟାନ ସବୁ ଅଚଳ ଅବସ୍ଥାରେ ଏବଂ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର। ବିଦ୍ୟାଳୟ ପରିସରର ଦୁଇଟି ବଖରା କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବାରୁ ଅଫିସ କାର୍ଯ୍ୟାଳୟ ହୋଇନାହିଁ। ପଡ଼ିଆରେ ଗଦା ଗଦା ହୋଇ ମାଟି ପଡ଼ି ରହିଥିବା ବେଳେ ପଡିଆର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାପନ୍ତରା ଭାବେ ରହିଛି। କେଉଁଠି କାନ୍ଥ ଫାଟିଛି ତ କେଉଁଠି ତଳର ଟାଇଲ ଅଧା ପଡ଼ିନି। କମ୍ପ୍ୟୁଟର ଲାବ୍‌ର ଝରକା କବାଟ ଚତୁଃପାର୍ଶ୍ୱରେ ଲାଗିଥିବା ଟାଇଲ ଗୋଟି ଗୋଟି ହୋଇ ଖସି ପଡୁଥିବା ବେଳେ କବାଟ ଠିକ୍ ଭାବେ ପଡୁନି। ଫଳରେ ବିଦ୍ୟାର୍ଥୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟ ନବମ, ଦଶମ ଶ୍ରେଣୀ ନିମନ୍ତେ ୨୦୦୯ରେ ସ୍ଥାପିତ ହୋଇଛି। ଏହାକୁ ଏକ ବର୍ଷ ପୂର୍ବେ ଦ୍ୱିତୀୟ ପର୍ଯ୍ୟାୟରେ ୫-ଟି ଯୋଜନାରେ ରୂପାନ୍ତରିତ କରାଯାଇଛି। କନିଷ୍ଠ ଯନ୍ତ୍ରୀଙ୍କ ନାମରେ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର କାର୍ଯ୍ୟାଦେଶ ଦିଆଯାଇଥିଲା। ସ୍ଥାନୀୟ ପ୍ରଶାସନର ଅବହେଳାରୁ ବିଦ୍ୟାଳୟର ଅବସ୍ଥା ଏଭଳି ସ୍ଥିତିରେ ରହିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିଦ୍ୟାଳୟର ସମସ୍ୟା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବରଙ୍କୁ ପଚାରି ବୁଝିବାରୁ ଏହାର ତଦନ୍ତ କରିଛି, ଶୀଘ୍ର ବିଦ୍ୟାଳୟର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଦୋକାନ ବାରଣ୍ଡାରେ ମହିଳାଙ୍କ ଝୁଲନ୍ତା ମୃତଦେହ

**ଭଞ୍ଜନଗର,୯।୪(ଡି.ଏନ୍.ଏ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ସହରର ରାସ୍ତାକଡ଼ରେ ଥିବା ଏକ ଦୋକାନ ବାରଣ୍ଡାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ରବିବାର ସକାଳେ ଜବତ କରାଯାଇଛି। ମହିଳା ଜଣଙ୍କ ହେଲେ ଜଗନ୍ନାଥପ୍ରସାଦ ବ୍ଲକ ଗେରେଡ଼ା ଗ୍ରାମର ଅଙ୍ଗନୱାଡ଼ି ହେଲ୍‌ପର ବିଭାସିନୀ ବେହେରା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ବେଲଗୁଣ୍ଠାରେ ଶନିବାର ରାତିରେ ପଞ୍ଚୁଦଣ୍ଡ ଯାତ୍ରା ଚାଲିଥିଲା। ଗେରେଡ଼ା ଗ୍ରାମର ବିଭାସିନୀ ପଞ୍ଚୁଦଣ୍ଡ ଯାତ୍ରା ଦେଖିବାକୁ ଆସିଥିଲେ। ରବିବାର ଭୋର୍ ସମୟରେ ରାସ୍ତାକଡ଼ ଏକ ଦୋକାନ ବାରଣ୍ଡାରେ ତାଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ମୃତଦେହ ନିକଟରେ ଏକ ବ୍ୟାଗ୍ ଥିଲା, ଯେଉଁଥିରୁ ତାଙ୍କ ପରିଚୟ ମିଳିଥିଲା। ବେଲଗୁଣ୍ଠା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ହସ୍‌ପିଟାଲକୁ ପଠାଇବା ସହ ନଂ. ୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବିଭାସିନୀ ନିଜ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ହେଲ୍‌ପର କାମ କରନ୍ତି। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ ହତ୍ୟାକରି ଟାଙ୍ଗିଦେଇଛି ତାହା ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବସ୍ ଧକ୍କାରେ ୬ ଗୋରୁ ମୃତ



**ରାଇକିଆ,୯।୪(ଡି.ଏନ୍.ଏ)**

ରାଇକିଆ ପାଙ୍ଗାନାଲୁ ନିକଟରେ ରବିବାର ଭୋରରେ ଏକ ଯାତ୍ରୀବାହୀ ବସ ମାଡ଼ିଯିବାରୁ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୋରୁ ଗୁରୁତର ହୋଇଛି। ସେମାନଙ୍କୁ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉଛି। ଗୋରୁଙ୍କ ଉପରେ ଗାଡ଼ି ଚଳାଉଥିବା ଦୃଶ୍ୟ ସିସିଟିଭି ଫୋଟେଜରୁ ସ୍ପଷ୍ଟ ଜଣାପଡୁଛି। ରାଇକିଆ ପୋଲିସ ପହଞ୍ଚି ଆହତ ଗୋରୁଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ପ୍ରାଥମିକ ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ କ୍ଷତିପୂରଣ ଦାବିରେ ରାଇକିଆ-ଜି.ଉଦୟଗିରି ରାସ୍ତା ଅବରୋଧ ହୋଇଥିବାରୁ ଯାନବାହାନ ଚଳାଚଳ ବନ୍ଦ ରହିଛି।

# କୋଦଳା ଏନ୍‌ଏସିରେ ସିସିଟିଭି ବ୍ୟବସ୍ଥାର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

**ବେଗୁନିଆପଡ଼ା,୯।୪**

କୋଦଳା ଏନ୍‌ଏସିରେ ରବିବାର ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥାର ଆରମ୍ଭ ହୋଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରିତିରଞ୍ଜନ ଘଡେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୋଦଳା ଏନଏସିରେ ସିସିଟିଭି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ କୋଦଳାଠାରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋଦଳା ପୋଲିସ ପକ୍ଷରୁ ମନ୍ତ୍ରୀଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଥାନା ପରିସରରେ ଏକ ବୌଦ୍ଧ ମୂର୍ତ୍ତିକୁ ମଧ୍ୟ ଉନ୍ମୋଚନ କରିଥିଲେ ମନ୍ତ୍ରୀ। ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସହରର ପ୍ରମୁଖ ୨୨ ସ୍ଥାନରେ ସିସିଟିଭି ଲଗାଯାଇଛି। ମନ୍ତ୍ରୀଙ୍କ ସହ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବେଗୁନିଆପଡ଼ା କୋଦଳା ଅଞ୍ଚଳର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ୍ ଗଲେ

**ଦିଗପହଣ୍ଡି,୯।୪(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମ ନିକଟ କୈଳାସପୁର ନିକଟରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ଖାରଜ ହେବାରୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସେ ହେଲେ ଡେଙ୍ଗାଓସ୍ତା କୈଳାସପୁର ଗ୍ରାମର ଶଙ୍କର ପ୍ରଧାନ। ଅଭିଯୋଗ ପ୍ରକାରେ, ଛଣମେରି ଗ୍ରାମର ପ୍ରଶାନ୍ତ କୁମାର ସାହୁ, ସ୍ତ୍ରୀ ସୁନିତା ରାଣୀ ସାହୁ ଏବଂ ତାଙ୍କର ଏକ ବର୍ଷର ଝିଅ ଗତ ଶନିବାର ସନ୍ଧ୍ୟାରେ ପୋଡାମାରୀ ଗ୍ରାମରୁ ଘରକୁ ଏକ ସ୍କୁଟିରେ ଫେରୁଥିଲେ। କୈଳାସପୁର ନିକଟରେ ଅଭିଯୁକ୍ତ ଶଙ୍କର ପୂର୍ବ ଶତ୍ରୁତା କାରଣରୁ ସେମାନଙ୍କୁ ଅଟକାଇବା ସହ ଏକ ଠେଙ୍ଗାରେ ପ୍ରଶାନ୍ତଙ୍କୁ ଆକ୍ରମଣ କରିବା ସହିତ ସ୍ତ୍ରୀ ସୁନିତା ଏବଂ ଛୋଟ ଝିଅକୁ ସ୍କୁଟିରୁ ଠେଲି ଦେଇଥିଲେ। ଏନେଇ ସୁନିତା ଥାନାରେ ଏତଲା ଦେଇଥିଲେ।

## ନାବାଳିକା ବଳାତ୍କାରୀ କୋର୍ଟଚାଲାଣ

**ଗୋପାଳପୁର,୯।୪(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ୧୨ ବର୍ଷୀୟ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବଳତ୍କାର କରିବା ଅଭିଯୋଗରେ ରବିବାର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଜୟରାମ ସାହୁ(୫୦)। ଏହି ଥାନା ଅଞ୍ଚଳରେ ଜୟରାମ ଦୋକାନ କରିଥିବା ବେଳେ ସେହି ଗ୍ରାମର ନାବାଳିକା ଗତ ୨ ତାରିଖ ୧୧ଟା ବେଳେ ବିସ୍କୁଟ କିଣିବା ପାଇଁ ଆସିଥିଲେ। ଜୟରାମ ତାଙ୍କୁ ପ୍ରଲୋଭନ ଦେଖାଇ ଦୋକାନ ଭିତରକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ସମ୍ପର୍କରେ କାହାରିକୁ ନ କହିବା ପାଇଁ ତାଗିଦ୍ କରିବା ସହ ତାଙ୍କୁ ଭୟଭିତ କରାଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ନିଜ ମାଁଙ୍କୁ କହିବା ପରେ ଘଟଣାଟି ବାହାରକୁ ଆସିଥିଲା। ଏ ନେଇ ପରିବାର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୯୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ରାତ୍ରିରେ ଗ୍ରାମରୁ ଜୟରାମଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରି ଅପରାହ୍ନରେ କୋର୍ଟ ଚାଲାଣ କରିଥିଲା।

# ଅନ୍ତର୍ଜାତୀୟ ଉଦ୍ଭାବନ ବାର୍ତ୍ତା ଶୀର୍ଷକ କର୍ମଶାଳା

**ବ୍ରହ୍ମପୁର ଅଫିସ,୯।୪**



ଆଲୋଚନାରେ ଅଂଶଗ୍ରହଣ କରିଥିବା ବକ୍ତା ଓ ଛାତ୍ରୀଛାତ୍ର।

ନ୍ୟାସନାଲ ଇନିଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି (ନିଷ୍ଟ) ପକ୍ଷରୁ ଅନ୍ତର୍ଜାତୀୟ ଉଦ୍ଭାବନ ବାର୍ତ୍ତା ଶୀର୍ଷକ ଏକ କର୍ମଶାଳା ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ଅନୁସନ୍ଧାନ ବିକାଶ ନିଗମର କ୍ଷେତ୍ରୀୟ ପରିଚାଳକ ଡ. ବିଜୟ କୁମାର ସାହୁ, ନେଦରଲାଣ୍ଡ କର୍କଟ ରୋଗ ଅନୁସନ୍ଧାନ ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ଜିତେନ୍ଦ୍ର ବଡେଇ, ଦକ୍ଷିଣ ଡେନମାର୍କ ବିଶ୍ୱବିଦ୍ୟାଳୟର ଅଣୁ ଔଷଧ ବିଭାଗର ପ୍ରଫେସର ଡ. ବିଜୟ ତିୱାରୀ ବକ୍ତା ଭାବେ ଯୋଗ ଦେଇଥିଲେ। ଡ. ସାହୁ ବିଭିନ୍ନ ପାଠ୍ୟକ୍ରମର ବିଦ୍ୟାର୍ଥୀମାନେ କିଭଳି ବୃତ୍ତି ଚୟନ କରି ସ୍ୱୟଂ ସମ୍ପୂର୍ଣ୍ଣ ଗବେଷଣା କରିପାରିବେ ସେ ନେଇ ଆଲୋକପାତ କରିଥିଲେ। ଡ. ବଡେଇ ଓ ଡ. ତିୱାରୀ କର୍କଟ ରୋଗର ଗବେଷଣା ଏବଂ କମ୍ପ୍ୟୁଟର ବିଜ୍ଞାନ ବ୍ୟବହାରର ପ୍ରାସଙ୍ଗିକତା ଉପରେ କହିଥିଲେ। ନିଷ୍ଟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଡ. ସୌରେନ ମିଶ୍ର, ଡ. ପରମେଶ୍ୱର ଦାଶ, ଡ. ରତିକାନ୍ତ ନାୟକ, ଡ. ଅଶ୍ୱିନୀ କୁମାର ଖୁଣ୍ଟିଆ, ଡ. ସୁସ୍ମିତା ମାହୋତା, ଡ. ମଞ୍ଜୁଶ୍ରୀ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନିଷ୍ଟର ପ୍ରଶାସନ ମୁଖ୍ୟ ସୟିଦ ସୁଲେମାନ ଅଲି ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶାନ୍ତ କୁମାର ସାହୁ, ଡ. ସନ୍ଦିପନ ମଲିକ, ଡ. ସୁଧୀର ରଞ୍ଜନ ପଟ୍ଟନାୟକ, ଡ. ବିଷ୍ଣୁକର ନାୟକ, ଡ. ପ୍ରୀତିରଞ୍ଜନ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରସ୍ତାବରେ ଅଟକିଛି ଟ୍ରକ୍ ଟର୍ମିନାଲ

**ଛତ୍ରପୁର,୯।୪(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପ୍ରସ୍ତାବରେ ଅଟକି ରହିଛି। ବର୍ଷେ ପୂର୍ବେ ଏଥିପାଇଁ ଜମି ଚିହ୍ନଟ ହୋଇଥିଲା। ମାତ୍ର ଚିକିଟି ତହସିଲଦାରଙ୍କଠାରୁ ବ୍ରହ୍ମପୁର ଉପଜିଲାପାଳ ଏବଂ ପରେ ଗଞ୍ଜାମ ଜିଲାପାଳଠାରୁ ରାଜ୍ୟ ଅର୍ଥ ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀ ପର୍ଯ୍ୟନ୍ତ ଚିଠିର ଆଦାନ ପ୍ରଦାନ ହୋଇଛି। ତେବେ ଟ୍ରକ୍ ଟର୍ମିନାଲ ନିର୍ମାଣ କାମ ଆଗେଇପାରିନି। ପୁଣି ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ରାଜ୍ୟ ପରିବହନ ବିଭାଗକୁ ଦିଆଯାଇଥିବା ଆକ୍ସନ ପ୍ଲାନ୍‌ରେ ଗତ ମାସରେ ଟ୍ରକ ଟର୍ମିନାଲର ଆବଶ୍ୟକତା ଥିବା ନେଇ ପ୍ରସ୍ତାବ ଦିଆଯାଇଛି। ଗଞ୍ଜାମରେ ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ରାଜ୍ୟରେ ରହିଛି। ଏନେଇ ଆକ୍ସନ ପ୍ଲାନ୍ ପଠାଇବାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା। ମିଳିଥିବା ସୂଚନାଅନୁସାରେ, ଚିକିଟି ତହସିଲ ଅଧୀନ ଗିରିସେଲା ମୌଜାଠାରେ ୧୪.୬୧୧ ଏକର ଜମିରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ୨୦୨୨ରେ ଚିହ୍ନଟ ହୋଇଥିଲା। ଏହି ଜମି ଚିହ୍ନଟ କାଗଜପତ୍ର ଚିକିଟି ତହସିଲଦାରଙ୍କ ପକ୍ଷରୁ ପରେ ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରେ ଦାଖଲ ହୋଇଥିଲା। ପରେ ଏହି ଜମିକୁ ଅର୍ଥ ବିଭାଗରୁ ବାଣିଜ୍ୟ ଓ ପରିବହନ ବିଭାଗ ନାଁରେ କରିବାକୁ ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ଗତ ବର୍ଷ ରାଜ୍ୟ ଅର୍ଥ ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀଙ୍କୁ ପ୍ରସ୍ତାବ ଯାଇଥିଲା। ସୂଚନାଯୋଗ୍ୟ ଜଗନ୍ନାଥପୁର ଛକ ନିକଟ ଜାତୀୟ ରାଜପଥରେ ଶତାଧିକ ଟ୍ରକ୍ ଦୈନିକ ଅଟକି ରହୁଛି। ଏଠାରେ ଜଗନ୍ନାଥପୁର ଷ୍ଟେସନ, ଏଫସିଆଇ ଡିପୋ ରହୁଥିବାରୁ ଶତାଧିକ ମାଲ ପରିବହନ ହେଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ଏଥିସହ ପୁଇଁତଳା ଛକରେ ମଧ୍ୟ ଟ୍ରକ୍‌ଗୁଡିକ ଜାତୀୟ ରାଜପଥ ଉପରେ ଅଟକି ରହୁଛି। ଏନେଇ ଟ୍ରାଫିକ୍ ଜାମ ହେବା ସହ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଟ୍ରକ ଟର୍ମିନାଲ ପ୍ରତିଷ୍ଠା ହେଲେ ଟ୍ରାଫିକ୍ ସମସ୍ୟା ଦୂରହେବ ଏବଂ ଦୁର୍ଘଟଣା କମିବ। ଏଣୁ ଜିଲାପାଳଙ୍କ ପକ୍ଷରୁ ଟ୍ରକ୍ ଟର୍ମିନାଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆକ୍ସନ ପ୍ଲାନ୍‌ରେ ରଖି ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି।

ସୂଚନାଯୋଗ୍ୟ, ୨୦୨୨ ରେ ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣା ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି ଏବଂ ରାଜ୍ୟରେ ଏହା ସର୍ବାଧିକ ରହିଛି। ୨୦୨୨ରେ ଜିଲାରେ ୮୩୧ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୪୧୪ ଜଣଙ୍କ ମୃତ୍ୟୁ ଓ ୬୩୨ ଜଣ ଗୁରୁତର ଆହତ ହୋଇଛନ୍ତି।

# କେବିବି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**କବିସୂର୍ଯ୍ୟନଗର,୯।୪(ଡି.ଏନ.ଏ.)**

ସ୍ଥାନୀୟ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ରବିବାର ଅପରାହ୍ନରେ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଲେଜ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ମୁଖ୍ୟବକ୍ତା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, କବିସୂର୍ଯ୍ୟନଗର ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ ଓ ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, କଲେଜ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ନାୟକ, ଉପଦେଷ୍ଟା ତନୁଜ କୁମାର ବିଷୋୟୀ ଓ କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଆଦି ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ସହ ସିଲ ପ୍ରଦାନ କରାଯାଇଥିଲା।




ଉତ୍ସବରେ ଉପସ୍ଥିତ ଅତିଥି।

# ଖାଲଖମା ଭର୍ତ୍ତି କରୁଛନ୍ତି ଲୋକେ, ପ୍ରଶାସନ ନୀରବ

**ପାରଳାଖେମୁଣ୍ଡି,୯।୪(ଡି.ଏନ୍.ଏ.)**



ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ରାସ୍ତାଘାଟ ଅବସ୍ଥା କଦର୍ଯ୍ୟ ହୋଇପଡିଥିବା ବେଳେ ଖାଲଖମା ସୃଷ୍ଟି ହେଉଛି। ହେଲେ ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷ ନିଘୋଡ ନିଦ୍ରାରେ ରହିଥିବାରୁ ଲୋକେ ଏହି ଖାଲଖମା ଗୁଡିକରେ ନିଜସ୍ୱ ଉଦ୍ୟମରେ ମାଟି, ଇଟା, ସିମେଣ୍ଟ ପ୍ଲେଟ ଖଣ୍ଡ ଆଦି ପକାଇ ଭର୍ତ୍ତି କରୁଥିବାର ଦେଖିବାକୁ ମିଳୁଛି। ସହରର ସଙ୍କୁରୀ ପୋଖରୀ ତଥା ଏସାର ପେଟ୍ରୋଲ ପମ୍ପ ନିକଟରେ ଏକ ଗର୍ତ୍ତ ଗତ ପ୍ରାୟ ୩ବର୍ଷ ହେଲା ସୃଷ୍ଟି ହୋଇଥିଲା। ଏହା କାଳ କ୍ରମେ ସୁଡୁଙ୍ଗ ଆକାରର ଧାରଣ କରି ମାଟି ଧସି ମୁଖ୍ୟରାସ୍ତାକୁ ଧସେଇ ଆସୁଥିଲା। ଫଳରେ ବିଭିନ୍ନ ସମୟରେ ଏହି ଗର୍ତ୍ତରେ ପଡି ଲୋକେ ଆହତ ହେଉଥିଲେ। ସନ୍ଧ୍ୟା ସମୟରେ ରାସ୍ତାକଡ ଗର୍ତ୍ତରେ ପଡିଯାଉଥିଲେ। ଏପରିକି କିଛି ଛାତ୍ରଛାତ୍ରୀ ସନ୍ଧ୍ୟାରେ ଟ୍ୟୁସନ ଗଲାବେଳେ ସାଇକେଲ ସଙ୍ଗେ ଉକ୍ତ ଗର୍ତ୍ତରେ ଗଳିପଡି ଖଣ୍ଡିଆଖାବରା ହେଉଥିବାର ବହୁ ନଜିର ରହିଛି। ଏହି ରାସ୍ତା ଦେଇ ଜିଲା ମୁଖିଆଙ୍କଠାରୁ ଆରମ୍ଭ କରି ସମସ୍ତ ପ୍ରଶାସନିକ ଅଧିକାରୀ, ପୋଲିସ ମୁଖିଆ, ବିଭାଗୀୟ କର୍ତ୍ତୃପକ୍ଷ, ପୌରପରିଷଦ ମୁଖିଆଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ସଭିଏ ଏହି ମୁଖ୍ୟରାସ୍ତା ଦେଇ ଯାତାୟାତ କରିଥାନ୍ତି। ହେଲେ କାହାରି ଦୃଷ୍ଟି ନିକ୍ଷେପ ନାହିଁ। ପୁରୁଣା ଫଟୋଟିଏ ଦେଖିଲେ ଏହି ଗର୍ତ୍ତଟି ଆଗକୁ ବହୁ ବିପଦକୁ ନିମନ୍ତ୍ରଣ କରିଥାନ୍ତା । ହେଲେ ସ୍ଥାନୀୟ ଅଞ୍ଚଳରେ ଥିବା ଶ୍ରୀକ୍ରିଷ୍ଣା ଟକିଜର ମାଲିକ ଉକ୍ତଗର୍ତ୍ତରେ ଦୁର୍ଘଟଣା ଘଟୁଥିବାର ଜାଣି ମାଟି ମୋରମ ପକାଇଥିବାର ଦେଖିବାକୁ ମିଳିଛି। ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିଲେ ମଧ୍ୟ ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ କଡ଼ା ସମାଲୋଚନା କରାଯାଉଛି। ସେହିପରି ପୁରୁଣା କୋର୍ଟ ଛକଠାରେ ଥିବା ଖାଲଖମାରେ ସ୍ଥାନୀୟ ଲୋକେ ଇଟା, ସିମେଣ୍ଟ ପ୍ଲେଟ ଖଣ୍ଡ ବା ଗୁଣ୍ଡ ପକାଇ ରାସ୍ତା ସମତୁଲ କରିଥିବାର ମଧ୍ୟ ଜଣାପଡିଛି । ପ୍ରକାଶ ଯେ, ପାରଳା ପୌରପରିଷଦ ଏହି ମୁଖ୍ୟ ରାସ୍ତାକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରିସାରିଛି । ଗୋଟିଏ ପଟେ ପୂର୍ତ୍ତବିଭାଗ ସହରର ସମସ୍ତ ମୁଖ୍ୟରାସ୍ତା ନିଜ ଅଧିନରେ ରଖି ଚୁପ ବସିଛି।

# କ୍ୟାଲ୍‌ସିୟମ କାର୍ବାଇଡକୁ ନେଇ ଚିନ୍ତା

■ ରାସାୟନିକ ଦ୍ରବ୍ୟ ପଚିବା ପାଇଁ ବ୍ୟବହାର ହେଉଛି
■ ବ୍ୟବସାୟୀଙ୍କୁ ଏ ନେଇ ସତର୍କ କରାଯାଇଛି

## ପର୍ବ ପାଇଁ ଖୋଲିଛି ଫଳର ପସରା


କେନ୍ଦ୍ରାପଡ଼ା ସହରର ଏକ ଦୋକାନରେ ଫଳ ବିକ୍ରି ହେଉଛି।

କେନ୍ଦ୍ରାପଡ଼ା ଅଫିସ, ୯।୪

ଆଗକୁ ପଣା ସଂକ୍ରାନ୍ତି ସମେତ ମୁସଲମାନ ସମ୍ପ୍ରଦାୟ ଲୋକଙ୍କ ରମଜାନ ମାସ ଚାଲିଛି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପ୍ରଚୁର ମାତ୍ରାରେ ଫଳ ବଜାରକୁ ଆସୁଛି। ତେବେ ଏହି ଫଳ ଆମ ପାଇଁ ବିଭିନ୍ନ ରୋଗର କାରଣ ସାଜିଛି। ଫଳ ପଚାଇବା ପାଇଁ ବ୍ୟବହୃତ କ୍ୟାଲ୍‌ସିୟମ କାର୍ବାଇଡ ବିଭିନ୍ନ ରୋଗ ସହ କ୍ୟାନ୍‌ସରର କାରଣ ହେଉଛି ବୋଲି ଡାକ୍ତର ମତ ଦେଇଛନ୍ତି। ଫଳ ପଚାଇବା ପାଇଁ କ୍ୟାଲସିୟମ କାର୍ବାଇଡ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟର ବ୍ୟବହାର ବନ୍ଦ ପାଇଁ ୨୦୦୬ ମସିହାର ଫୁଡ୍ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟରେ ବାରଣ ଅଛି। ସେହିପରି ୨୦୧୧ ମସିହା ଫୁଡ୍ ସେଫ୍ଟି (ପ୍ରୋହିବିଶନ ଆଣ୍ଡ ରେଷ୍ଟ୍ରିକ୍ସନ) ରେଗୁଲେଶନ ଅନୁଯାୟୀ, ଏସିଟିଲିନ ଗ୍ୟାସ୍ ବା କ୍ୟାଲସିୟମ କାର୍ବାଇଡକୁ ଖାଦ୍ୟରେ ବ୍ୟବହାର କଲେ ଅଭିଯୁକ୍ତଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ ବୋଲି ଉଲ୍ଲେଖ ଅଛି। ମାତ୍ର ବ୍ୟବସାୟୀମାନେ ଆମ୍ବ ସହ ଅମୃତଭଣ୍ଡା, କଦଳୀ, ଲିଚୁ, ସପେଟା ପରି ଫଳକୁ ଏହି ରାସାୟନିକ ଦ୍ରବ୍ୟ ମାଧ୍ୟମରେ ଅସମୟରେ ପଚାଉଛନ୍ତି।

ଏ ସମ୍ପର୍କରେ ଡା. ବିରଞ୍ଚନ ସ୍ୱାଇଁ କହିଛନ୍ତି, ଆର୍ସେନିକ ଓ ଫସ୍‌ଫରସ୍ ସମ୍ମିଶ୍ରଣରେ ସୃଷ୍ଟି ହୋଇଥିବା କ୍ୟାଲ୍‌ସିୟମ କାର୍ବାଇଡ ବା ଏସିଟିଲିନ ଗ୍ୟାସ୍ ୱେଲଡିଂ ଓ ପ୍ଲାଷ୍ଟିକ ସାମଗ୍ରୀ ନିର୍ମାଣରେ ବ୍ୟବହାର ହୋଇଥାଏ। ଏହା ବିପଜ୍ଜନକ ରାସାୟନିକ ପଦାର୍ଥ ଲିଷ୍ଟରେ ଅଛି। ଏହାର ସଂସ୍ପର୍ଶରେ ଆସିଲେ ମୁଣ୍ଡ ବୁଲାଇବା, ଚର୍ମ ରୋଗ, ଆଖି ନଷ୍ଟ ପରି ସମ୍ଭାବନା ଥିବା ବେଳେ କ୍ୟାନ୍‌ସର ରୋଗ ସୃଷ୍ଟି ହୋଇପାରେ। ବଜାରରେ ମିଳୁଥିବା ଫଳ ଓ ପନିପରିବାରେ ଏହି ରାସାୟନିକ ଦ୍ରବ୍ୟ ବ୍ୟବହାର ହେଉଥିବାରୁ ଖାଦ୍ୟ ପ୍ରସ୍ତୁତ ପୂର୍ବରୁ ଚଳନ୍ତି ପାଣିରେ ଧୋଇବାକୁ ସେ ପରାମର୍ଶ ଦେଇଛନ୍ତି। ପଣ୍ଡିତ ହୃଷୀକେଶ ରଥ କହିଛନ୍ତି, ପ୍ରକୃତି ଆମକୁ ଋତୁ ଅନୁଯାୟୀ ଫଳ ପ୍ରଦାନ କରେ। ଏହାକୁ ଆମେ ବ୍ୟବହାର କରିବାକୁ ଭାରତୀୟ ସଂସ୍କୃତିରେ ପର୍ବ ପର୍ବାଣି ରଖାଯାଇଛି। ଖରାଦିନେ ଦେହର ଜଳୀୟ ଅଂଶ କମି ଯାଉଥିବାରୁ ଫଳ ଖାଇବା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସାବିତ୍ରୀ ଅମାବାସ୍ୟା ସୃଷ୍ଟି ହୋଇଛି। ତେବେ କେତେକ କ୍ଷେତ୍ରରେ ଅସମୟରେ ଫଳ ତୋଳି ରାସାୟନିକ ଦ୍ରବ୍ୟ ମାଧ୍ୟମରେ ପଚାଯାଉଛି। ଯାହା କେବଳ ସ୍ୱାଦହୀନ ନୁହେଁ, ଦେହ ପାଇଁ କ୍ଷତି କରୁଥିବା ସେ ମତ ଦେଇଛନ୍ତି। ସହରର ଜଣେ ବ୍ୟବସାୟୀ କହିଛନ୍ତି, ଦେହ ସୁସ୍ଥ ପାଇଁ ଫଳ ଖାଇବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ତେବେ ରାଜ୍ୟରେ ଏହାର ଉତ୍ପାଦନ ନାହିଁ। ଏଥିପାଇଁ ବାହାର ରାଜ୍ୟରୁ ଆଣିବାକୁ ପଡୁଛି। ପରିବହନ ପାଇଁ ୨ରୁ ୫ ଦିନ ପର୍ଯ୍ୟନ୍ତ ଲାଗୁଛି। ଆମ୍ବ, କଦଳୀ, ସପୁରି, ସପେଟା ଆଦି ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସୁଛି। ଏହି ଫଳକୁ ପାଚିଲା ଆଣି ଏଠାରେ ବିକ୍ରି ପାଇଁ ପ୍ରସ୍ତୁତି ବେଳକୁ ନଷ୍ଟ ହେଉଛି। ସେହିପରି ପରିବହନରୁ ନିସ୍ତାର ପାଇଁ କଞ୍ଚା ସମୟରୁ ଫଳ ଏଠାକୁ ଆସୁଛି। ତୁରନ୍ତ ପାଚିବା ପାଇଁ କ୍ୟାଲସିୟମ କାର୍ବାଇଡ ବ୍ୟବହାର କରା ନ ଗଲେ କଞ୍ଚା ଫଳ ମଧ୍ୟ ନଷ୍ଟ ହେଉଛି। ଦେହ ପାଇଁ କ୍ଷତିକାରକ ଜାଣିଥିଲେ ମଧ୍ୟ ବ୍ୟବସାୟ ଓ ଗ୍ରାହକଙ୍କ ଚାହିଦା ପାଇଁ ଏହି ରାସାୟନିକ ପଦାର୍ଥ ବ୍ୟବହାର ହେଉଥିବା ସେ ସ୍ପଷ୍ଟ କରିଛନ୍ତି। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ଫଳରେ ରାସାୟନିକ ଦ୍ରବ୍ୟ ମିଶା ଯାଉଥିବା ନେଇ ସନ୍ଦେହ ନାହିଁ। ତେବେ ଏହାର ପରୀକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ପରୀକ୍ଷାଗାର ନାହିଁ। ଖାଦ୍ୟ ପଦାର୍ଥରେ ବିଷ ମିଶ୍ରଣର ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥ ପରୀକ୍ଷାଗାରକୁ ଯିବାକୁ ପଡ଼ିବ। ଏଥିପାଇଁ ଜିଲାରେ ଏକ ପରୀକ୍ଷାଗାର, ପ୍ରତ୍ୟେକ ବ୍ଲକ ଅଞ୍ଚଳ ପାଇଁ ଫୁଡ୍ ସେଫଟି ଅଫିସର ଆବଶ୍ୟକତା ଅଛି। ଏ ନେଇ ଜିଲା ପ୍ରଶାସନ ସଚେତନ ନ ହେଲେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ପ୍ରତ୍ୟେକ ଫଳ ଦୋକାନରେ ଥିବା ଫଳ କ୍ୟାଲସିୟମ କାର୍ବାଇଡରେ ପଚା ହୋଇ ନ ଥିବା ନେଇ ସୂଚନା ଫଳକ ମାରିବାକୁ ନିୟମ ହୋଇଛି। ଏ ସମ୍ପର୍କରେ ବ୍ୟବସାୟୀଙ୍କୁ ସଚେତନ କରାଯାଇଛି ବୋଲି ସେ କହିଛନ୍ତି।

# ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବେ

**ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର**

ଯାଜପୁର ଟାଉନ,୯।୪(ଡି.ଏନ.ଏ.):

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ୫ ଦଫା ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏନେଇ ସଂଘ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଫାର୍ମାସିଷ୍ଟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗିରହିଛି। ରାଜ୍ୟ ସରକାର ଏପ୍ରିଲ ୧୫ ସୁଧା ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ୧୭ ତାରିଖରୁ ଦାବିପୂରଣ ପର୍ଯ୍ୟନ୍ତ ସମୂହ ଫାର୍ମାସିଷ୍ଟ ଛୁଟିରେ ଯିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଫାର୍ମାସିଷ୍ଟଙ୍କ ମୂଳ ଦରମା ଗ୍ରେଡ୍ ପେ ୨୪୦୦ରୁ ୨୮୦୦କୁ ବୃଦ୍ଧି କରାଯିବା ସହ ୨ବର୍ଷ ଚାକିରି ପରେ ସମୟାନୁକ୍ରମେ ସମସ୍ତଙ୍କୁ ଗ୍ରେଡ୍ ପେ ୪୨୦୦ ଯୋଗାଇ ଦେବା ଏବଂ ୨୦୨୨ ଏପ୍ରିଲ ୨୪ରେ ସରକାର ପ୍ରକାଶ କରିଥିବା ସଂଶୋଧିତ ଫାର୍ମାସିଷ୍ଟ କ୍ୟାଡର୍ ୦୧।୦୧।୨୦୧୬ ପରିବର୍ତ୍ତେ ୨୪।୦୮।୨୦୧୩ରୁ କାର୍ଯ୍ୟକାରୀ କରାଯାଇ ତୁରନ୍ତ ପଦୋନ୍ନତି ଯୋଗାଇ ଦେବା, ଫାର୍ମାସିଷ୍ଟ ପଦବୀକୁ ଫାର୍ମାସି ଅଫିସର ଭାବେ ନାମକରଣ କରାଯିବା, ୨୦୧୩ ପୂର୍ବରୁ ଠିକ୍ ନିଯୁକ୍ତି ପାଇ କାର୍ଯ୍ୟ କରିଥିବା ସମସ୍ତ ଫାର୍ମାସିଷ୍ଟଙ୍କ କାର୍ଯ୍ୟକଳାପକୁ ବରିଷ୍ଠତା ନିମନ୍ତେ ବିବେଚନା କରାଯିବା ସହ ଆର୍ଥିକ ସୁବିଧା କରାଯିବା ଓ ଏମ୍‌ଏଚ୍‌ୟୁଆର୍‌ବିଏସ୍‌କେ ଅଧୀନରେ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ସ୍ୱାସ୍ଥ୍ୟ ବିଭାଗର ଖାଲି ପଡିଥିବା ସ୍ଥାନରେ ନିୟମିତ ନିଯୁକ୍ତି ଦେବା ଆଦି ସମ୍ପର୍କରେ ସଂଘ ପକ୍ଷରୁ ଦାବି କରାଯାଇଛି। ଜିଲା ସଭାପତି ଶଶିକାନ୍ତ ରାଉଳ, ରାଜ୍ୟ ଉପଦେଷ୍ଟା ପ୍ରସନ୍ନ କୁମାର ପଣ୍ଡା, ଜିଲା ଉପଦେଷ୍ଟା ପ୍ରଣବ କୁମାର ଦାସ, ଯଶୋବନ୍ତ ମିଶ୍ର, ସରୋଜ କୁମାର ରାଉତରାୟ, ଧନଞ୍ଜୟ ମିଶ୍ର, ସାଗରିକା ମହାନ୍ତି ଓ ଶଶିକାନ୍ତ ବେହେରା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହି ଚେତାବନୀ ଦେଇଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫାର୍ମାସିଷ୍ଟ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ଭାରତୀୟ ଚିକିତ୍ସକ ସଂଘର ବିଶ୍ୱ ସ୍ୱାସ୍ଥ୍ୟ ଦିବସ



ଜଣେ ନର୍ସିଂ ଅଫିସରଙ୍କୁ ସମ୍ମାନିତ କରାଯାଉଛି।

ଯାଜପୁର ରୋଡ,୯।୪(ଡି.ଏନ.ଏ.):

ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ୍ ଶାଖା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲାୟନସ କ୍ଲବ ଯାଜପୁର ରୋଡ୍, ଦେବ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଚିକିତ୍ସକ ସଂଘ ଦ୍ୱାରା ଏକ ପଦଯାତ୍ରା ବ୍ୟାସନଗରର ସହରର ବାଇପାସ ଛକଠାରୁ ଆରମ୍ଭ ହେଇ ସହରର ମୁଖ୍ୟରାସ୍ତା ଦେଇ ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହେଇଥିଲା। ଡା. ଗୌରୀଶଙ୍କର ଷଡ଼ଙ୍ଗୀ, ଲାୟନ୍ସ ବସନ୍ତ କୁମାର ପାତ୍ର ଓ ଶିକ୍ଷୟିତ୍ରୀ ସୋନିଆ ବେଦୀ ସଭାରେ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପରେ ଆଲୋକପାତ କରିଥିଲେ।

ସନ୍ଧ୍ୟାରେ ବ୍ରାହ୍ମଣୀ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାରତୀୟ ଚିକିତ୍ସକ ସଂଘ ସମର୍ପଣ ଦିବସ ଉପଲକ୍ଷେ ସଦସ୍ୟମାନେ ମହମବତୀ ଜଳାଇ ନିଜ ସଂଘ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଶିକ୍ଷଣ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ଚିକିତ୍ସକ ଅମର କୁମାର ବେହେରା ଶିଶୁଙ୍କ ଆଲର୍ଜିକ ରାଇନାଇଟିସ ବିଷୟରେ ଆଲୋଚନା କରିଥିଲେ। ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟବକ୍ତା ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶୁଭାଶିଷ ମହାରଣା ସମ୍ମାନିତ ଅତିଥି ରୂପେ ଯୋଗଦେଇ ସଦସ୍ୟଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସିଂ ଅଫିସର ରଶ୍ମିରେଖା ସାହୁ, କୋରେଇର ସସ୍ମିତା ମଲ୍ଲିକ, ଦାନଗଦିର ଝରଣା ପ୍ରଧାନ ଓ ଟାଟା ମେଡିକା ହସ୍ପିଟାଲର ପିରାମଲ ଇ ପ୍ରମୁଖଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହାପରେ ମିକ୍ସୋପାଥିର ଯଥାର୍ଥତା ଉପରେ ଏକ ବିତର୍କ ଅନୁଷ୍ଠିତ ହୋଇଥିଲା। ଏଲୋପାଥି ପାଇଁ ଡା. ଗୌରୀଶଙ୍କର ଷଡ଼ଙ୍ଗୀ, ଆୟୁର୍ବେଦ ଶାସ୍ତ୍ର ପାଇଁ ଡା. ଅମୂଲ୍ୟ ଚନ୍ଦ୍ର ନାୟକ ଓ ହୋମିଓପାଥି ପାଇଁ ଡା. ଆଶୁତୋଷ ଜେନା ତର୍କ କରିଥିଲେ। ସମସ୍ତ ବିଷୟବସ୍ତୁ ଉପରେ ତର୍ଜମା କରି ଡା. ହେମନ୍ତ କିଶୋର ସାହୁ ସମସ୍ତ ପାଥି ଅନନ୍ୟ ଓ ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ସଭାରେ ସଂଘ ସଭାପତି ଡା. ସୁରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଡା. ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିଶୁ ଚିକିତ୍ସା ବିଶେଷଜ୍ଞ ଡା. ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବୁପ୍ରସାଦ


@ ଗଣେଶ


@ ରବୀନ୍ଦ୍ର


@ ଶୁଭମ୍


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଟୋ-ଟ୍ରକ୍ ଧକ୍କାରେ ଜଣେ ମୃତ, ୫ ଗୁରୁତର

**ଶ୍ରମିକ ରାସ୍ତା କାମ କରି ଘରକୁ ଫେରୁଥିଲେ**

ଡେରାବିଶ,୯।୪ (ସ୍ୱ.ପ୍ର.)

ଡେରାବିଶ ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ବଳଭଦ୍ରପୁର ଛକ ନିକଟରେ ରବିବାର ଅପରାହ୍ଣରେ ଅଟୋ ସହ ଟ୍ରକ୍ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ପୋଲିସ୍ ସୂଚନା ଅନୁଯାୟୀ, ଅପରାହ୍ଣରେ ଉକ୍ତ ଥାନା ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତରେ ନିର୍ମାଣାଧୀନ ଓଲଡ଼ି-ଫକିରାବାଦ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଶ୍ରମିକ ଭାବେ ନିୟୋଜିତ ଥିବା ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲେଇ ଗାଁର ୬ ଜଣ ଏକ ଅଟୋ (ନଂ.ଓଡି ୦୪ଜି ୫୯୫୩) ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ତେବେ ପାରାଦୀପରୁ ଚଣ୍ଡିଖୋଲ ପଟକୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍(ନଂ.ଓଆର ୦୪ଏନ୍ ୬୪୩୪) ଅଟୋଟିକୁ ସାଇଡ୍ ମାରି ଆଗରେ ହଠାତ୍ ବ୍ରେକ୍ ମାରିଥିଲା। ଏଥିଯୋଗୁ ଅଟୋ ଚାଳକ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବିନୋଦ ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା। ଅଟୋରେ ଥିବା ଅନ୍ୟ ୫ ଗୁରୁତର ଶ୍ରମିକ ହେଲେ ଅମିତ କୁମାର ଦାସ (୧୯), କାଳନ୍ଦୀ ମଲିକ (୨୮), ଶ୍ରୀକାନ୍ତ ମଲିକ (୪୦), ସିଲୁ ମଲିକ (୨୨) ଓ ଅଜିତ ଦାସ (୧୯)। ଗୁରୁତର ଆହତଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସାଧାରଣ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଆଇଆଇସି ଜ୍ୟୋତିର୍ମୟୀ ସେଠୀ ଓ ଏସ୍‌ଆଇ ନାରାୟଣ ମହାରଣାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ରାସ୍ତାରେ ଅଟକିଥିବା ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ଅଟୋକୁ ପୋଲିସ ଜବତ କରିବା ସହ ତଦନ୍ତ ଜାରି ରଖିଛି। ବିନୋଦଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଆଇଆଇସି ସେଠୀ ସୂଚନା ଦେଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ଟ୍ରକ୍।

# ସୁସ୍ଥ ସମାଜ ଗଠନରେ ଅଧ୍ୟାତ୍ମବାଦ ଆବଶ୍ୟକ


ଶିବିରରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ସାଧୁସନ୍ଥମାନେ।

## ପଞ୍ଚ ଦିବସୀୟ ବ୍ୟକ୍ତିତ୍ୱ ବିକାଶ ଶିବିର

ଡେରାବିଶ, ୯।୪ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ କୌଶଲ୍ୟାପଡ଼ିଆସ୍ଥିତ ଯାଗମଠଠାରେ ପଞ୍ଚ ଦିବସୀୟ ବ୍ୟକ୍ତିତ୍ୱ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ଦିବ୍ୟ ଜୀବନ ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମହାରାଜା କହିଥିଲେ ଯେ, ସୁସ୍ଥ ସମାଜ ଗଠନ ଏବେ ଆବଶ୍ୟକତା ହୋଇଛି। ଆଦର୍ଶ ମଣିଷର ଅଭାବରେ ସାମ୍ପ୍ରତିକ ସ୍ଥିତିରେ ବିଚ୍ୟୁତି ଆସିଛି। ଅଶାନ୍ତି ଓ ବିଶୃଙ୍ଖଳା ସମାଜରେ ଦେଖା ଦେଇଛି। ଏହାର ନିରାକରଣ ପାଇଁ ଆମକୁ ନୀତି ଆଦର୍ଶରେ ଚାଲିବାକୁ ପଡ଼ିବ। ଏହାର ପଥ ପ୍ରଦର୍ଶକ ଆଧ୍ୟାତ୍ମବାଦ୍। ଜୀବନ, ଜ୍ଞାନ, ବିଚାର ଆଦିକୁ ସୁସଙ୍ଗଠିତ କରିବା ଶକ୍ତି ଅଧ୍ୟାତ୍ମବାଦ୍‌ରେ ରହିଛି। ଭାରତୀୟ ସଂସ୍କୃତି ସର୍ବଦା ସୁସ୍ଥ ସମାଜ ଗଠନ ପାଇଁ ପ୍ରେରଣା ଯୋଗାଇଥାଏ। ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ମୁଖ୍ୟ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଜ୍ଞା ମିଶନର ସ୍ୱାମୀ ସମର୍ପଣାନନ୍ଦ ଗିରି, ପରିବ୍ରାଜକ ସନ୍ଥ ସ୍ୱାମୀ ଉମାନନ୍ଦ ସରସ୍ୱତୀ, ଚିନ୍ମୟ ମିଶନର ସ୍ୱାମୀ ଓମ୍‌କାରାନନ୍ଦ ସରସ୍ୱତୀ, ହରିଦ୍ୱାର ସାଧନା ସଦନର ସ୍ୱାମୀ ରାମେଶ୍ୱରାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ମୁଖ୍ୟ ସଙ୍ଗଠକ ଜୟଚନ୍ଦ୍ର ନାୟକ ଯୋଗଦେଇଥିଲେ। ସାଧୁସନ୍ଥମାନେ ସୁସ୍ଥ ସମାଜ ଗଠନରେ ବ୍ୟକ୍ତିର ବିକାଶ ହେବା ଆବଶ୍ୟକ ବୋଲି ଆଶୀର୍ବଚନ ଦେଇଥିଲେ। ଏହି ଅବସରରେ ସମ୍ମିଳନୀରେ ଯୋଗଦେଇଥିବା ଗଜପତି ଦେବ ଓ ସାଧୁସନ୍ଥମାନେ ସନ୍ଥବାଣୀ ପୁସ୍ତିକା ଉନ୍ମୋଚନ କରିଥିଲେ। ବୁଦ୍ଧିଜୀବୀ ସଚିକାନ୍ତ ନାଥ, ଅଶ୍ୱନୀ କୁମାର ମିଶ୍ର, ନୃସିଂହ ବ୍ରହ୍ମଚାରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଗଜପତି ମହାରାଜାଙ୍କ ଆଶୀର୍ବଚନ ଶୁଣିବା ଲାଗି ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

# ୨୫୦ରୁ ଊର୍ଦ୍ଧ୍ୱ ବେଆଇନ ପାଥୋଲାଜି

**ନୟାଗଡ଼ ଅଫିସ,୯।୪**

■ଲାଇସେନ୍ସ ପାଇଛନ୍ତି ୧୫
■ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ
■କ୍ଷତି ସହୁଛନ୍ତି ସରକାର, ରୋଗୀଙ୍କ ଚିନ୍ତା ବଢ଼ୁଛି

ନୟାଗଡ଼ ଜିଲାରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲୋଜି ଚାଲିଛି। ଜିଲାରେ ମାତ୍ର ୧୫ଟି ପାଥୋଲୋଜିକୁ ଲାଇସେନ୍ସ ମିଳିଛି । ହେଲେ ୨୫୦ରୁ ଊର୍ଦ୍ଧ୍ୱ ବେଆଇନ ଭାବେ ଚାଲିଛି। ବର୍ଷତମାମ ଏପରି ପାଥୋଲୋଜି ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଛି । ଏହା ପରେ ବି ତଦନ୍ତ ହେଉ ନାହିଁ। ଏଭଳିସ୍ଥଳେ ସରକାର ରାଜସ୍ୱ ହରାଉଛନ୍ତି। ଆଉ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ତଥାପି ସବୁ ଘଟଣା ଲୋକଲୋଚନକୁ ଆସି ପାରୁନି। ଏ ଦିଗରେ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଦିନକୁ ଦିନ ପରିସ୍ଥିତି ସାଂଘାତିକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଅଭିଯୋଗ ଅନୁଯାୟୀ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍ନସିଆନ ସାର୍ଟିଫିକେଟ୍ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ କ୍ୟାବିନ୍ ଗୋଟିଏ ପକାଇ ପାଥୋଲୋଜି ଫଳକ ମାରି ରକ୍ତ, ମଳ, ମୁତ୍ର ଆଦି ପରୀକ୍ଷା କରା ଯାଉଛି । ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ଯୋଗୁ ରୋଗୀଙ୍କ ବ୍ଲଡ ଗ୍ରୁପ ଭିନ୍ନ ବୋଲି ଦର୍ଶା ଯାଉଛି । ପୁଣି ବିଭିନ୍ନ ପରୀକ୍ଷଣ ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ଚାପି ଦିଆଯାଉଥିବା ଅଭିଯୋଗ ହୋଇଛି।

ଏନେଇ ନୟାଗଡ଼ର ଚନ୍ଦ୍ରବିଜୟୀ ମିଶ୍ର କୁହନ୍ତି, କେଉଁ ପାଥୋଲାଜି ବେଆଇନ ଓ କିଏ ପଞ୍ଜିକୃତ ରୋଗୀ ଜାଣିବେ କିପରି । ସବୁ ପାଥୋଲାଜି ସଂସ୍ଥା ବୋର୍ଡ ମାରି ରୋଗୀମାନଙ୍କ ରକ୍ତ,ମଳ,ମୂତ୍ର ସହିତ ବିଭିନ୍ନ ପରୀକ୍ଷା କରୁଛନ୍ତି । କିଏ ଅସଲି କିଏ ନକଲି ରୋଗୀ ଜାଣି ନ ପାରି ଟଙ୍କା ଖର୍ଚ୍ଚକରି ବିପଦକୁ ଆମନ୍ତ୍ରଣ କରୁଛନ୍ତି । ସ୍ୱାସ୍ଥ୍ୟବିଭାଗ ତୁରନ୍ତ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ନଚେତ୍ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ଗଣିଆର ସୁଦାମ ସ୍ୱାଇଁ, ନୂଆଗାଁର ଭକ୍ତବଲ୍ଲଭ ସାହୁ, ରଣପୁରର ସୀତା ପ୍ରଧାନ କୁହନ୍ତି, ରୋଗୀ କ'ଣ ଜାଣି ପାରିବ ପାଥୋଲୋଜି ପରୀକ୍ଷାଗାର ଅସଲ କି ନକଲି। ସ୍ୱାସ୍ଥ୍ୟ ବିଭାଗ ଏନେଇ ଜାଣି ଚୁପ ରହିଛି କିପରି। ରୋଗୀଙ୍କ ଜୀବନ ସହ ଖେଳୁଥିବା ପାଥୋଲୋଜି ସଂସ୍ଥାର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ହେବା ଦରକାର ବୋଲି କହିଛନ୍ତି।

ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କୁହନ୍ତି, ଏନେଇ ଆମେ ତଦନ୍ତ ଆରମ୍ଭ କରିଛୁ। ଯେଉଁମାନେ ପଞ୍ଜିକୃତ ନ କରି ପାଥୋଲୋଜି ଖୋଲିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା

## ଶୀତଳ ଭଣ୍ଡାରରେ ନିୟମ

ପାଥୋଲୋଜି ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ନିକଟରେ ନିର୍ଦ୍ଧାରିତ ଅର୍ଥଜମା କରି ପଞ୍ଜିକୃତ କରାଯାଇ ପାରିବ । ହେଲେ ବିନା ପଞ୍ଜିକରଣରେ ପାଥୋଲୋଜି ଚାଲିଥିବାରୁ ସରକାରଙ୍କ ନିୟମକୁ ଅଣଦେଖା କରାଯାଉଛି। ୧୫ଟି ଲାଇସେନ୍ସ ପ୍ରାପ୍ତ ପାଥୋଲୋଜି ମଧ୍ୟରୁ କେବଳ ୧୩ଟି ନୟାଗଡ଼ ଜିଲା ସଦର ମହକୁମାରେ ରହିଛି । ଅବଶିଷ୍ଟ ୨ ଚାନ୍ଦପୁର ଓ ଖଣ୍ଡପଡ଼ାରେ ରହିଛି । କିନ୍ତୁ ଜିଲାର ନୟାଗଡ଼, ରଣପୁର, ଭାପୁର, ଖଣ୍ଡପଡ଼ା, ଓଡ଼ଗାଁ, ନୂଆଗାଁ, ଗଣିଆ, ଦଶପଲ୍ଲା ବ୍ଲକ ସମେତ ୫ ସହରାଞ୍ଚଳରେ ନିୟମକୁ ଶୀତଳଭଣ୍ଡାରରେ ଫୋପାଡ଼ି ମାଳମାଳ ପାଥୋଲୋଜି ଖୋଲାଯାଇଛି।

# ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ



ରାଜ୍ୟାଭିଷେକ ବେଶରେ ଶ୍ରୀରାମ ।

**ଓଡ଼ଗାଁ,୯।୪(ସ୍ୱ.ପ୍ର.)**

## ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ଅନ୍ତିମ ସନ୍ଧ୍ୟା

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ୧୦ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରାର ସୋମବାର ଅନ୍ତିମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରଘୁନାଥଜୀଉ ରାଜ୍ୟାଭିଷେକ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ଶ୍ରୀଜୀଉଙ୍କ ମହାଭିଷେକ ବେଶ ଦର୍ଶନ ନିମନ୍ତେ ସିଂହଦ୍ୱାରା ସମେତ ଦକ୍ଷିଣ ଦ୍ୱାର ନିକଟରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ସମସ୍ତେ ବିହ୍ୱଳ ହୋଇ ଜୟ ଶ୍ରୀରାମ ଧ୍ୱନୀ ସହିତ ହରିବୋଲ, ହୁଳହୁଳି ପକାଇ ଥିଲେ । ୧୪ ବର୍ଷ ବନବାସ ପରେ ପ୍ରଭୁ ଲଙ୍କା ବିଜୟ କରି ଜଗତ୍‌ଜନନୀ ମା'ସୀତାଙ୍କ ସହିତ ଅଯୋଧ୍ୟା ଫେରିଛନ୍ତି । ସୁବର୍ଣ୍ଣ କଳସ କ୍ଷେତ୍ରରେ ବିରାଜିତ ପ୍ରଭୁ ଶ୍ରୀରାମ ସୁସଜ୍ଜିତ ରତ୍ନ ସିଂହାସନରେ ଜାନକୀଙ୍କୁ କୋଳାଗ୍ରତ କରି ବସିଥିବା ଦୃଶ୍ୟ ଅତି ଆକର୍ଷଣୀୟ ଥିଲା । ଭକ୍ତ ହନୁମାନ ପ୍ରଭୁଙ୍କ ପାଦ ପାଖରେ ବସିଥିଲେ । ଅନୁଜ ଲକ୍ଷ୍ମଣ ପୃଷ୍ଠ ଭାଗରେ ସୁବର୍ଣ୍ଣ ଛତ୍ର ଧରି ଠିଆ ହୋଇଥିବା ବେଳେ ଭରତ ଓ ଶତ୍ରୁଘ୍ନ ଉଭୟ ପାର୍ଶ୍ୱରେ ଆଲଟ ଚାମର ଚାଳନା କରୁଥିଲେ। ସୁଗ୍ରୀବ, ଲଙ୍କପତି ବିଭୀଷଣ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବଶିଷ୍ଠ, ମହର୍ଷି ବିଶ୍ୱାମିତ୍ର, ନଳ, ନୀଳ, ଜାମ୍ବବାନ ଆଦି ଅଷ୍ଟସେନାଧକ୍ଷ ପ୍ରଭୁଙ୍କ ଚାରିପାଖରେ ବିଦ୍ୟମାନ ଥିଲେ । ଶ୍ରୀଜୀଉମାନେ ମୂଲ୍ୟବାନ ଅଙ୍ଗବସ୍ତ୍ର ସହିତ ସ୍ୱର୍ଣ୍ଣ, ରୌପ୍ୟ ଖଚିତ ଅଳଙ୍କାରରେ ସୁସଜ୍ଜିତ ହୋଇଥିଲେ । ରାଜ୍ୟାଭିଷେକ ବେଶରେ ଦର୍ଶନରେ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ମନ୍ଦିର ଓ ପୋଲିସ ପ୍ରଶାସନ ସହଯୋଗ ତଥା ଶାନ୍ତି କମିଟିଙ୍କ ସୁପରିଚାଳନାରେ ଚଳିତ ବର୍ଷ ୧୦ଦିନ ବ୍ୟାପୀ ରାମ ନବମୀ ଯାତ୍ରା ସୁରୁଖୁରୁରେ ପାଳିତ ହୋଇଛି । ଏହା ସହିତ ଚଳିତ ବର୍ଷ ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଆନୁକୁଲ୍ୟରେ ସୁସ୍ୱାଦୁ ଖେଚୁଡ଼ି, ଛେନା ପଣା, ଖିରି, ବୁନ୍ଦିଆ ସହିତ ମାଣ୍ଡିଆ ଖିରି ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସେବା ସଙ୍ଗଠନର ବରିଷ୍ଠ ଓ କନିଷ୍ଠ ସଦସ୍ୟମାନେ ପରିଚାଳନା କରିଥିଲେ ।

# ଅକ୍ଷୟତୃତୀୟାରୁ ନୀଳମାଧବଙ୍କ ଚନ୍ଦନ ଯାତ୍ରା

**ଖଣ୍ଡପଡ଼ା,୯।୪(ସ୍ୱ.ପ୍ର.)**

■ପୋଖରୀ ପୁନରୁଦ୍ଧାର ହୋଇ ପାରିଲା ନାହିଁ
■ପାରମ୍ପରିକ ଯାତ୍ରା ବନ୍ଦ ହେବା ଆଶଙ୍କା
■ମନ୍ଦିରରେ ଠାକୁରଙ୍କ ନୀତି ସମ୍ପନ୍ନ ହେବ

ଆସନ୍ତା ୨୩ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀ ନୀଳମାଧବଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ଆରମ୍ଭ ହେବ। ପୁରୀ ଶ୍ରୀମନ୍ଦିର ପୂଜାନୀତି ସହ ନୀଳମାଧବ ମନ୍ଦିର ପୂଜାନୀତି ମଧ୍ୟରେ ସାମଞ୍ଜସ୍ୟ ରହିଛି । ଏହି କାରଣରୁ ଶ୍ରୀମନ୍ଦିରରେ ପାଳିତ ହେଉଥିବା ଯାନିଯାତ୍ରା ମଧ୍ୟ ଏହି ମନ୍ଦିରରେ ଆଡ଼ମ୍ବର ସହକାରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ପବିତ୍ର ଅକ୍ଷୟ ତୃତୀୟାଠାରୁ ନୀଳମାଧବଙ୍କ ଚନ୍ଦନ ଚାପ ପ୍ରଥା କାହିଁ କେଉଁ କାଳରୁ ଚଳି ଆସୁଛି । ଏବେ ଚାପ ପୋଖରୀର ଦୁରାବସ୍ଥା ତଥା ପୂତିଗନ୍ଧମୟ ପରିବେଶ ଯୋଗୁ ଉକ୍ତ ପରମ୍ପରାରେ ବ୍ୟତିକ୍ରମ ଦେଖା ଦେଇଛି । ବିଶେଷ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚାପ ପୋଖରୀର ପୁନରୁଦ୍ଧାର କରିବାର ଅବହେଳା ଏହି ପ୍ରଥା ବନ୍ଦ ହେବାର ମୁଖ୍ୟ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ରାଜ୍ୟ ସରକାର ନୀଳମାଧବ ପୀଠର ବିକାଶ ପାଇଁ ଗତ ଜୁନ୍ ମାସରେ ୧୦୦ କୋଟି ଟଙ୍କା ମଞ୍ଜୁର କରି ୧୮ ମାସ ମଧ୍ୟରେ ବିକାଶ ପ୍ରକଳ୍ପର କାମ ସମ୍ପନ୍ନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଇତି ମଧ୍ୟରେ ୧୦ ମାସ ବିତି ଯାଇଥିବା ବେଳେ ବିକାଶ ପ୍ରକଳ୍ପର କାମ ମନ୍ଥର ଗତିରେ ଚାଲୁଛି । ଚନ୍ଦନ ପୋଖରୀର ପୁନରୁଦ୍ଧାର କାମ କେବେ ସମ୍ପନ୍ନ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଠାକୁରଙ୍କ ଜଳ କ୍ରୀଡା ନୀତି ଚନ୍ଦନ ପୋଖରୀରେ ସମ୍ପନ୍ନ ହୋଇଥାଏ । ସମ୍ପ୍ରତି ପୋଖରୀର ପାଣିକୁ ନିଷ୍କାସନ କରାଯାଇ ପଙ୍କୋଦ୍ଧାର କାମ ଚାଲିଛି ।



ପୋଖରୀର ଅରୁଣ ଖମ୍ବ କାମ ଆରମ୍ଭ ହୋଇ ନାହିଁ । ଫଳରେ ଠାକୁରଙ୍କ ପାରମ୍ପରିକ ବାହ୍ୟ ଚନ୍ଦନ ଚାପ ନୀତି ବନ୍ଦ ହେବା ନିଶ୍ଚିତ ହୋଇଯାଇଛି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ାଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଲିପ୍ସା ରାୟଙ୍କ ସହ ଯୋଗାଯୋଗ କରିବାରେ ସେହି କାମକୁ ଯଥା ଶୀଘ୍ର ସମ୍ପନ୍ନ କରିବାକୁ ଚେଷ୍ଟା କରାଯାଉଛି । ଯଦି କାମ ଶେଷ କରିବାକୁ ସମସ୍ୟା ସୃଷ୍ଟି ହୁଏ ତେବେ ଠାକୁରଙ୍କ ଚନ୍ଦନ ନୀତି ମନ୍ଦିରରେ ବିଧି ବ୍ୟବସ୍ଥା ମଧ୍ୟରେ ସେବାୟତମାନଙ୍କ ସହଯୋଗରେ ଆସନ୍ତା ଅକ୍ଷୟତୃତୀୟାଠାରୁ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି ।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଦେବୁପ୍ରସାଦ



@ ଗଣେଶ



@ ରବୀନ୍ଦ୍ର



@ ଶୁଭମ୍



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଦୁଆ ଗତିଶ୍ୱର ମହାଦେବଙ୍କ ୧୫୬ ପାଟଦଣ୍ଡ

**ଖଣ୍ଡପଡ଼ା,୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କାଦୁଆ ଗତିଶ୍ୱର ମହାଦେବଙ୍କ କୋଠିର ୧୫୬ ପାଟଦଣ୍ଡ ମହୋତ୍ସବ ପାରମ୍ପରିକ ରୀତିରେ ରବିବାର ପାଳିତ ହୋଇଯାଇଛି । କାଦୁଆ, ମାଧବେରେଣୀ, ଶରପୋଖରୀ, କୁଞ୍ଜବେଲୀ, ଗଡିଆସାହି, ଗୋଛାବାରୀ, ପଥରଗଣ୍ଡ, ଖୁଣ୍ଟୁବନ୍ଧ, ସିଘାଂପଡା ଆଦି ୨୮ ମୌଜାର ଗ୍ରାମବାସୀଙ୍କ ସହାୟତାରେ ଏହି ପାଟଦଣ୍ଡ ଅନୁଷ୍ଠିତ ହୋଇଥିଲା । ଗୋଟିଏ କୋଠିର ୧୫୬ମୁଠା ଦଣ୍ଡ ଅପରାହ୍ନ ପ୍ରାୟ ସାଢେ ୪ଟାରେ ନିକଟସ୍ଥ କାଦୁଆ ତୋଟା ଠାକୁରଙ୍କ ପୋଖରୀରେ ସ୍ନାନ ପୂଜା ସମ୍ପନ୍ନ କରି ଗତିଶ୍ୱର ମନ୍ଦିର ବେଢା ପରିକ୍ରମା କରିଥିଲେ । ପରେ ଗ୍ରାମ କୋଠି ପରିକ୍ରମା କରି ଗ୍ରାମ ପରିକ୍ରମା କରିଥିଲେ । ଠାକୁରଙ୍କୁ ଗ୍ରାମ ବିଜେ କରାଯାଇଥିଲା । ପ୍ରତିଦ୍ୱାରରେ ଠାକୁର ପୂଜା ପାଇଥିଲେ । ଏହାପରେ ଠାକୁର ପାଟ ପଟୁଆରରେ କିଆଝର ଗ୍ରାମକୁ ବିଜେ ହୋଇଥିଲେ । ଗ୍ରାମବାସୀ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ । ପ୍ରତିଦ୍ୱାରରେ ଦୀପ ଓ କଳସ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଦଣ୍ଡୁଆମାନଙ୍କ କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ, କୈଳାସ କନ୍ଦରୁ ଯୋଗ ନିଦ୍ରା ଭାଙ୍ଗିବାକୁ ଆଜ୍ଞା ହେଉ ହେ ମଣିମା ଡାକରେ ତଥା ଉପସ୍ଥିତ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଠାକୁରଙ୍କ ଯାତ୍ରା ସମ୍ପନ୍ନ ପରେ ବିଳମ୍ବିତ ରାତିରେ କୋଠିକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।



ଦଣ୍ଡୁଆମାନେ ଗତିଶ୍ୱର ମହାଦେବଙ୍କ ପୀଠରେ ପୂଜାର୍ଚ୍ଚନା କରୁଛନ୍ତି।

# ସୀତା ଠାବ, ରାବଣଙ୍କ ଛତ୍ର ଛେଦନ

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

**ଦଶପଲ୍ଲା,୯।୪(ଡି.ଏନ.ଏ.)**





ନାଟକର ଦୁଇଟି ଦୃଶ୍ୟରେ ଅଭିନୟ କରୁଥିବା କଳାକାର।

ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଏକାଦଶ ଦିବସରେ ଥିଲା ସୀତା ଠାବ ଓ ରାଣର ଛତ୍ର ଛେଦନ । ପୂର୍ବାହ୍ନରେ ମନ୍ଦିର ପରିସରରେ ପୂଜାର୍ଚ୍ଚନା ହେବା ସହ ରାତିରେ ମନ୍ଦିର ସମ୍ମୁଖରେ କଳାକାରମାନଙ୍କ ଦ୍ୱାରା ରାମଲୀଳା ମଞ୍ଚସ୍ଥ ହୋଇଥିଲା । ବର୍ଷାଋତୁ ସମାପନ ହେବାପରେ ମହାରାଜା ସୁଗ୍ରୀବ ସୀତାଙ୍କ ସନ୍ଧାନ ନିମନ୍ତେ କୌଣସି ଆଗ୍ରହ ନ ଦେଖାଇବାରୁ ଶ୍ରୀରାମଙ୍କ ଆଦେଶରେ ଲକ୍ଷ୍ମଣ କିସ୍କିନ୍ଦା ନଗରକୁ ଗମନ କରିଥିଲେ । ସୁରାସାକିରେ ଲିପ୍ତ ସୁଗ୍ରୀବଙ୍କୁ ଲକ୍ଷ୍ମଣ ଉଚିତ ଶିକ୍ଷା ଦେବାପରେ ସେ ରାମଙ୍କ ନିକଟକୁ ଆସି,ମା ସୀତାଙ୍କ ସନ୍ଧାନ ନିମନ୍ତେ ଯୋଜନା କରିଛି ବୋଲି ପ୍ରକାଶ କରିଥିଲେ । ଚାରି ଦିଗକୁ ୪ ଦଳ ସେନା ପ୍ରେରଣ କରିଥିଲେ । ମାତ୍ର ରାବଣ ମା'ସୀତାଙ୍କୁ ନେଇ ଦକ୍ଷିଣକୁ ଗମନ କରିଥିବା ହେତୁ ଦକ୍ଷିଣ ଦିଗକୁ ଯୁବରାଜ ଅଙ୍ଗଦଙ୍କ ନେତୃତ୍ୱରେ ବଛାବଛା ଅଷ୍ଟମଲ୍ଲଙ୍କୁ ପ୍ରେରଣ କରିଥିଲେ । ସେମାନଙ୍କ ମଧ୍ୟରେ ହନୁମାନ, ଅଂଗଦ, ଗବୟ,ଗବାକ୍ଷ, ନଳ,ନୀଳ,ଜାମ୍ବବ,ଶୁଶେଣ ଆଦି ଥିଲେ । ସେମାନେ ବାଟରେ ବହୁ ବିଧାବିଘ୍ନ ଓ ଝଡ଼ ଝଞ୍ଜା ଆଦି ଅତିକ୍ରମ କରି ସମୁଦ୍ର ତଟକୁ ଗମନ କରିଥିଲେ। ମହାସମୁଦ୍ରକୁ ଡେଇଁ ମାତା ସୀତାଙ୍କୁ ଠାବ କରିବା ଏକ କଷ୍ଟକର ବ୍ୟାପାର ଥିଲା । ଏହି କାର୍ଯ୍ୟକୁ ସମ୍ପାଦନ କରିବାକୁ ହନୁମାନଙ୍କୁ ଜାମ୍ବବାନ ପରାମର୍ଶ ଦେଇଥିଲେ । ଚୈକି ମହାମୁନୀ ପୂର୍ବରୁ ପାଇଥିବା ମୁନିଶାପ ଖଣ୍ଡନ କରାଇ ,ହନୁମାନଙ୍କ ବଳ ଓ ସାମର୍ଥ୍ୟ ମନେପକାଇ ଦେବା ପରେ ହନୁମାନ ସମୁଦ୍ର ଲଂଘନ କରିଥିଲେ । ବାଟରେ ସଂହିକା ଅସୁରୀଙ୍କୁ ବଧ କରିବା ସହିତ ନାଗମାତାଙ୍କ କବଳରୁ ଶ୍ରୀ ହନୁମାନଙ୍କୁ ତାଙ୍କର ବୀର ଓ ବୁଦ୍ଧି ବଳରେ ଲଙ୍କା ଗମନ କରିଥିଲେ । ସନ୍ଧ୍ୟାରେ ଗୋରୁପଲ ଭିତରେ ପସି ହନୁମାନ ଲଙ୍କା ନଗରରେ ପ୍ରବେଶ କରିଥିଲେ । ମାତ୍ର ସେଠାରେ ଲଙ୍କଦେବୀ ତାଙ୍କ ପଥରୋଧ କରିବାରୁ ,ହନୁମାନ ତାଙ୍କୁ ବ୍ରହ୍ମ ଚାପଡ଼ା ମାରିଥିଲେ। ଲଙ୍କ ଦେବୀ ରାବଣ ବଧ ସମୟ ଆସିଗଲା ବୋଲି ଜାଣି ,ରାବଣକୁ ସ୍ୱପ୍ନାଦେଶ କରି ଚାଲିଯାଇଥିଲେ । ଶ୍ରୀ ହନୁମାନ ଏଣେ ତେଣେ ବୁଲି, ଶେଷରେ ଅଶୋକ ବନରେ ସୀତାମାତାଙ୍କୁ ଠାବ କରିଥିଲେ । ଶ୍ରୀରାମଙ୍କ ମୁଦ୍ରିକା ମାତା ସୀତାଙ୍କୁ ଦେଇ ସନ୍ତକ ନେଇ ଫେରିବା ପୂର୍ବରୁ ରାବଣକୁ ଉଚିତ ଶିକ୍ଷା ଦେବା ନିମନ୍ତେ ମଧୁବନ ତୋଟାକୁ ଭାଙ୍ଗିରୁଜି ନଷ୍ଟ କରିଥିଲେ । ପ୍ରହରୀମାନଙ୍କୁ ଦଳି ମକଚି ମାରିଦେବାରୁ ରାବଣଙ୍କ ସାନପୁଅ ଅକ୍ଷୟ କୁମାର ଆସି ଯୁଦ୍ଧ କରିଥିଲେ । ମାତ୍ର ସେ ହନୁମାନଙ୍କ ହାତରେ ନିଧନ ହେବା ପରେ ରାବଣର ବଡ଼ପୁତ୍ର ଇନ୍ଦ୍ରଜିତ ଆସି ନାଗଫାଶ ବନ୍ଧନରେ ହନୁମାନଙ୍କୁ ବନ୍ଧନକରି ରାବଣ ଦରବାରରେ ଉପସ୍ଥିତ କରାଇଥିଲେ । ରାବଣ ହନୁମାନଙ୍କୁ ଉଚିତ ଦଣ୍ଡ ବିଧାନ କରିବା ନିମନ୍ତେ ତାହାଙ୍କ ଲାଙ୍ଗୁଡ଼ରେ ଲମ୍ବାକନା ଗୁଡ଼ାଇ ତୈଳ ପକାଇ ଅଗ୍ନି ସଂଯୋଗ କରିଥିଲେ । ଏଥୁଅନ୍ତେ ହନୁମାନ ଲଙ୍କାଗଡର ଘରକୁ ଘର ଡେଇଁ ସମଗ୍ର ଲଙ୍କାପୁରୀକୁ ଧ୍ୱଂସ କରି ଫେରି ଆସି ପ୍ରଭୁ ରାମଚନ୍ଦ୍ରଙ୍କୁ ମାତା ସୀତାଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ଏଥୁଅନ୍ତେ ରାମଚନ୍ଦ୍ର ଆପଣାର ବାନର ସେନା ସହ ସମୁଦ୍ର ତଟକୁ ଯାଇ ସେତୁବନ୍ଧ ବାନ୍ଧି ଲଙ୍କା ଗମନ କରିଥିଲେ। ଏ ସମୟରେ ରାବଣର ଦ୍ୱାରା ବିତାଡିତ ହୋଇ ବିଭିଷଣ ଶ୍ରୀରାମଙ୍କ ଶରଣାପନ୍ନ ହୋଇଥିଲେ। ରାମଚନ୍ଦ୍ର ସମୁଦ୍ର ଲଘିଁ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ବେଳେ ରାବଣ ପୁଷ୍ପକ ଯାନରେ ବସି ସେନାର ଗଣନା କରିଥିଲେ। ଶ୍ରୀରାମଚନ୍ଦ୍ର ରାବଣ ପୁଷ୍ପକ ବିମାନର ଛତ୍ର ଛେଦନ କରି ଉଚିତ ଶିକ୍ଷା ଦେଇଥିଲେ ।

